- Vol.- 46, Issue No. 174
- Wednesday, 23 September 2026
- ବୁଧବାର, ୨୩ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







# ସୃଷ୍ଟି ହେଲା ଗଭୀର ଅବପାତ



ଭୁବନେଶ୍ୱର, ୨୨।୯: ପଶ୍ଚିମ-କେନ୍ଦ୍ରୀୟ ଏବଂ ତାହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୮ କିମି ବେଗରେ ପଶ୍ଚିମ ଆଡ଼କୁ ଗତି କରି ସକାଳ ସାଢେ ୮ଟାରେ ଅକ୍ଷାଂଶ ୧୭.୯ ଉତ୍ତର ଏବଂ ଦ୍ରାଘିମା ୮୬.୦ ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି । ଏହା ଗୋପାଳପୁରର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍‌ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣାର ପୂର୍ବରେ ୨୯୦ କିମି ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବାର ବହୁ ସମ୍ଭାବନା ରହିଛି । କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତିକରି ଏହା ଗଭୀର ଅବପାତ ରୂପେ ୨୩ ତାରିଖ ରାତି କିମ୍ବା ୨୪ ସକାଳ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ୨୨ ସେପ୍ଟେମ୍ବରରେ ଓଡ଼ିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ୨୩ ଏବଂ ୨୪ ସେପ୍ଟେମ୍ବରରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବିଚ୍ଛିନ୍ନ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ୨୫ ସେପ୍ଟେମ୍ବରରେ ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୨୬ ସେପ୍ଟେମ୍ବରରେ ଓଡ଼ିଶାର ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୩-୨୪ ସେପ୍ଟେମ୍ବର ପାଇଁ କୋରାପୁଟ, ଗଜପତି ଏବଂ ଗଞ୍ଜାମ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ । ୨୪-୨୫ ସେପ୍ଟେମ୍ବର ପାଇଁ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି ।

# ମୌସୁମୀ ଅଧିବେଶନ: ଆରମ୍ଭରୁ ଅଚଳ



ଭୁବନେଶ୍ୱର, ୨୨।୯: ପ୍ରଥମ ଦିନରୁ ହୋହଲ୍ଲା । ପାଟିତୁଣ୍ଡ ଓ ହଙ୍ଗାମାରେ କମ୍ପିଲା ବିଧାନସଭା । ଶୋକ ପ୍ରସ୍ତାବ ପରେ ବିରୋଧୀଙ୍କ ପ୍ରତିବାଦରୁ ପ୍ରଥମାର୍ଦ୍ଧ ଓ ଅପରାହ୍ନ ଅଧିବେଶନ ମାଡ଼ ଖାଇ ଯାଇଛି । ପାଟିତୁଣ୍ଡ ମଧ୍ୟରେ ଗୃହରେ ୬ଟି ବିଲ୍ ଆଗତ ହୋଇଛି । ବିଧାନସଭା ଆରମ୍ଭରୁ ବହି ତ୍ରୁଟି ପ୍ରସଙ୍ଗକୁ ମୁଦ୍ଦା କରି ସରକାରଙ୍କୁ ଘେରିଛି ବିଜେଡି । ବିଧାନସଭା ଆରମ୍ଭ ହେବା ମାତ୍ରେ ଏ ପ୍ରସଙ୍ଗରେ ଗୃହ ଭିତରେ ନାରାବାଜି ସହ ପ୍ରତିବାଦ କରିଥିଲେ ଦଳର ସଦସ୍ୟ । ଏହାପରେ ବିଧାନସଭାରୁ ପ୍ରତିବାଦ ରାଲି କରି ବିଜେଡି ଯୁବ ଛାତ୍ର ପ୍ରତିବାଦ କରୁଥିବା ସ୍ଥାନକୁ ପଦ ଯାତ୍ରା କରିଥିଲେ ସବୁ ବିଧାୟକ । କଂଗ୍ରେସ ସଭ୍ୟମାନେ ମଧ୍ୟ ଏମଏମଡିଆର ସଂଶୋଧନ ଆଇନକୁ ତୀବ୍ର ବିରୋଧ କରି ବାଚସ୍ପତିଙ୍କ ଆସନ ନିକଟରେ ପ୍ରତିବାଦ ଜଣାଇଥିଲେ । ବିଜେଡି ଓ କଂଗ୍ରେସ ସଭ୍ୟଙ୍କ ହଙ୍ଗାମାରେ ଗୃହ କମ୍ପିଥିଲା । ବାଚସ୍ପତି ଗୃହକୁ ୧୧.୩୮ରୁ ୧ ଘଣ୍ଟା ୧୦ ମି ଯାଏ ମୁଲତବୀ ରଖିଥିଲେ । ଅପରାହ୍ନ ଅଧିବେଶନରେ ମଧ୍ୟ ବିରୋଧୀ ପ୍ରତିବାଦ ଜଣାଇଥିଲେ । ହଙ୍ଗାମା ପାଟିତୁଣ୍ଡ ମଧ୍ୟରେ ୬ଟି ବିଲ୍ ଆଗତ ହୋଇଥିଲା । ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଏବଂ ନିଯୋଜନ କର ବିଲ୍, ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍, ସହ ଭାରତୀୟ ଷ୍ଟାମ୍ପ ଓଡ଼ିଶା ସଂଶୋଧନ ବିଲ୍ ଉପସ୍ଥାପନ ହୋଇଛି । ଏହାଛଡ଼ା ଓଡ଼ିଶା ରିପିଲିଂ ବିଲ୍ (ରଦ୍ଦକରଣ ବିଲ୍), ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ସଂଶୋଧନ ବିଲ୍, ଓଡ଼ିଶା ସାମୁଦ୍ରିକ ମାଛଧରା ନିଷେଧ ଓ ନିୟନ୍ତ୍ରଣ ବିଲ୍ ଗୃହରେ ଉପସ୍ଥାପିତ ହୋଇଛି । ଗୃହ ମୁଲତବୀ ନେଇ ବିଜେପି ପ୍ରତିକ୍ରିୟା ରଖିଛି ଯେ, ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ବିରୋଧୀ ତାହା ନବୁଝି ଆନ୍ଦୋଳନ କରୁଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାରଠାରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨ ଜଣ ପୂର୍ବତନ ମନ୍ତ୍ରୀ ଦିବଂଗତ ଡମ୍ବରୁ ମାଝୀ, ସୁଶାନ୍ତ ସିଂ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ, ପୂର୍ବତନ ସଦସ୍ୟ ରାମମୂର୍ତ୍ତି ଗମାଙ୍ଗ, ହାଜି ମହମ୍ମଦ ଆୟୁବ ଖାଁ, ଶିବାଜୀ ମାଝୀଙ୍କ ସମେତ ନିକଟରେ ନେପାଳରେ ଘଟିଥିବା ଜଳ ପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ମୁଖ୍ୟମନ୍ତ୍ରୀ ସେହି ଦିବଂଗତଙ୍କ ସମ୍ପର୍କରେ ଅବତାରଣା କରି ଦୁଃଖ ପ୍ରକାଶ କରିଥିଲେ । ଶୋକ ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡ଼ାମ, ସିପିଆଇ ନେତା ଓ ବାଚସ୍ପତି ସୁରମା ପାଢ଼ୀ ଶୋକ ବ୍ୟକ୍ତ କରିବା ସହ ସମବେଦନା ଅର୍ପଣ କରିଥିଲେ । ଏହା ପରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ସର୍ବଣା ବିବେକ ଏମ୍ ହେଲେ ଭୁବନେଶ୍ୱର ଡିସିପି

## ବଦଳିଲେ ବ୍ରହ୍ମପୁର ଓ ଢେଙ୍କାନାଳ ଏସପି



ଭୁବନେଶ୍ୱର, ୨୨।୯: ଭୁବନେଶ୍ୱରକୁ ମିଳିଲା ନୂଆ ଡିସିପି । ଭୁବନେଶ୍ୱରର ନୂଆ ଡିସିପି ହୋଇଛନ୍ତି ଆଇପିଏସ୍ ସର୍ବଣା ବିବେକ ଏମ୍ । ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ସର୍ବଣା ବିବେକ ଏମ୍ ପୂର୍ବରୁ ବ୍ରହ୍ମପୁର ଏସପି ଥିଲେ । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୧୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ହେଉଛନ୍ତି ସର୍ବଣା ବିବେକ ଏମ୍ । ପୂର୍ବରୁ ସେ ରାୟଗଡ଼ା ଏବଂ ବ୍ରହ୍ମପୁରର ଏସପି ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଏହା ସହିତ ସେ ଭୁବନେଶ୍ୱରରେ ଭିଜିଲାନ୍ସ ଏସପି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଆଗକୁ ପାର୍ବଣ ଆସୁଥିବା ବେଳେ ଭୁବନେଶ୍ୱରର ଗୁରୁ ଦାୟିତ୍ୱ ବର୍ତ୍ତମାନ ତାଙ୍କ ଉପରେ ରହିବ । ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ପର୍ଦ୍ଦାଫାସ କରିବାରେ ତାଙ୍କ ଭୂମିକା ବେଶ ପ୍ରଶଂସନୀୟ ଥିଲା । ସମସ୍ତ ଅଭିଯୁକ୍ତ ମାନଙ୍କୁ ଧରିବା ଏବଂ ହତ୍ୟା ପଛର ମୁଖ୍ୟ କାରଣକୁ ଖୋଜି ସେ ବାହାର କରିଥିଲେ । ଏଥିସହ ବ୍ରହ୍ମପୁର ଓ ଢେଙ୍କାନାଳ ଏସପି ମଧ୍ୟ ବଦଳିଛନ୍ତି । ବ୍ରହ୍ମପୁର ଏସପି ଭାବେ ଅଭିନବ ସୋନକରଙ୍କୁ ଦାୟିତ୍ୱ ଦିଆଯାଇଛି । ଢେଙ୍କାନାଳ ଏସପି ଭାବେ ଅଜିଙ୍କ୍ୟ ବି. ମାନେଙ୍କୁ ଦାୟିତ୍ୱ ମିଳିଛି । ବରଗଡ଼ ଏସଡିପିଓ ଭାବେ ଏବି.ଶିଲ୍ପାଙ୍କୁ ନିଯୁକ୍ତ କରାଯାଇଛି ।

# ଅକ୍ଟୋବର ଓଡ଼ିଶା ଆସିବେ ରାଷ୍ଟ୍ରପତି




ଭୁବନେଶ୍ୱର, ୨୨।୯: ଅକ୍ଟୋବର ୨୭ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅକ୍ଟୋବର ୨୭ରେ ରାଇରଙ୍ଗପୁର ଗସ୍ତ କରି ୨୮ରେ ଦିଲ୍ଲୀ ଫେରିଯିବେ । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସାଂସଦ ନବ ଚରଣ ମାଝୀ ସୂଚନା ଦେଇଛନ୍ତି । ରାଇରଙ୍ଗପୁରରେ ଆୟୋଜିତ ମେଗା ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମରେ ଯୋଗ ଦେବେ ରାଷ୍ଟ୍ରପତି । ୨୬ରୁ ୩୦ ଯାଏଁ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ । ଦିଲ୍ଲୀର ୧୦୦ରୁ ଊର୍ଦ୍ଧ୍ୱ ଚକ୍ଷୁ ବିଶେଷଜ୍ଞ ଲୋକଙ୍କ ଚିକିତ୍ସା କରିବେ ।

# ଦିଲ୍ଲୀରେ ୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ଯୁବକ ଗିରଫ


ନୂଆଦିଲ୍ଲୀ, ୨୨।୯: ରାଜଧାନୀରେ ପୁଣି ଲଜ୍ଜା । କେନ୍ଦ୍ରୀୟ ଦିଲ୍ଲୀର ଦେଶବନ୍ଧୁ ଗୁପ୍ତା ରୋଡ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରାଯିବା ନେଇ ଅଭିଯୋଗ ହୋଇଛି । ଖବରପାଇ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଜେରା ପରେ ଅଭିଯୁକ୍ତକୁ ଡାକ୍ତରୀ ମାଇନା ପାଇଁ ପଠାଯାଇଛି । ସ୍ଥାନୀୟ ଲୋକେ ହିଁ ୩୪ ବର୍ଷୀୟ ଅଭିଯୁକ୍ତ ଅଙ୍କିତକୁ ଧରି ଥାନାକୁ ନେଇଥିଲେ । ଏହାପରେ ପୁଲିସ ତା' ବିରୋଧରେ ପୋକ୍ସୋ ଆଇନ ଏବଂ ବିଏନ୍‌ଏସ୍ ସମ୍ବନ୍ଧିତ ଧାରାଗୁଡ଼ିକରେ ଏଫ୍‌ଆଇଆର ରୁଜୁ କରିଛି । ଘଟଣା ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଲୋକମାନେ ଥାନାକୁ ଘେରି ହଙ୍ଗାମା କରିଛନ୍ତି । ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି । ଥାନା ନିକଟରେ ଭାରୀ ପୁଲିସ ବଳ ମୁତୟନ କରାଯାଇଛି ।

## ନାବାଳିକା ଛାତ୍ରୀ ଅସଦାଚରଣ ମାମଲା: ପୁଲିସ ଗୁଳିରେ ମୁଖ୍ୟ ଅଭିଯୁକ୍ତ ଆହତ



ପାଟନା, ୨୨।୯: ବିହାର ଜମୁଇ ଅଂଚଳରେ ଘଟିଥିବା ୧୦ମ ଶ୍ରେଣୀ ଛାତ୍ରୀ ନିର୍ଯାତନା ଘଟଣାର ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବଙ୍କୁ ପୁଲିସ ସୋମବାର ଗିରଫ କରିଛି । ତେବେ ପୋଲିସ କବ୍‌ଜାରୁ ଖସିଯିବାକୁ ଉଦ୍ୟମ କଲାବେଳେ ପୁଲିସକୁ ବାଧହୋଇ ଗୁଳି ଚଳାଇବାକୁ ପଡିଥିଲା, ଯେଉଁଥିରେ ନନ୍ଦନ ଯାଦବଙ୍କ ଗୋଡ଼ରେ ଗୁଳି ବାଜିଛି । ମୁଖ୍ୟ ଅଭିଯୁକ୍ତ ନନ୍ଦନର ମୁଖ୍ୟ ସହଯୋଗୀ କୁହାଯାଉଥିବା ହରିରାମ ଯାଦବଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ମୁଙ୍ଗେର ରେଂଜ ପୁଲିସ ଡିଆଇଜି ରକେଶ କୁମାରଙ୍କ କହିବା ଅନୁଯାୟୀ ଅଭିଯୁକ୍ତମାନଙ୍କୁ ଧରିବାକୁ ଗଠନ କରାଯାଇଥିବା ଏସିଆଟି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଘଟଣାସ୍ଥଳଠାରୁ ୫ କିମି ଦୂର କୁନ୍ଦନ ବ୍ରଜ ଅଂଚଳରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ସନ୍ଧ୍ୟାରେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଓ ୧୦ମ ଶ୍ରେଣୀ ଛାତ୍ରଙ୍କୁ ମାଡ ମରାଯିବା ଘଟଣାରେ ଏ ଦୁହେଁ ମୁଖ୍ୟ ଅଭିଯୁକ୍ତ ଥିଲେ ।

# ଏସିଆନ୍ ଗେମ୍ସ: ଭାରତକୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୨।୯: ଏସିଆନ୍ ଗେମ୍ସ ୨୦୨୬ରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଛି ମହିଳା କ୍ରିକେଟ୍ ଟିମ୍ । ଫାଇନାଲ୍‌ରେ ଶ୍ରୀଲଙ୍କାକୁ ୧୪୭ ରନ୍‌ର ବଡ଼ ବ୍ୟବଧାନରେ ହରାଇ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୨୧୬ ରନ୍‌ର ବଡ଼ ସ୍କୋର କରିଥିଲା । ଦଳ ପକ୍ଷରୁ ସ୍ମୃତି ମନ୍ଧାନା ୭୯, ରିଚା ଘୋଷ ଅପରାଜିତ ୪୯ ଏବଂ ଶେଫାଳୀ ବର୍ମା ୪୮ ରନ୍‌ର ଦମଦାର ଇନିଂସ ଖେଳିଥିଲେ । ଅନ୍ୟପଟେ ସ୍ମୃତି ମନ୍ଧାନା ୪୫ ବଲ୍‌ରେ ୭୯ ରନ୍‌ର ଧୂଆଁଧାର ଇନିଂସ ଖେଳିଥିଲେ । ତାଙ୍କ ଇନିଂସରେ ୭ଟି ଛକା ଓ ୫ଟି ଚୌକା ସାମିଲ ଥିଲା । ରିଚା ୨୨ ବଲ୍‌ରେ ୩ ଛକା ଓ ୬ ଚୌକା ସହ ଅପରାଜିତ ୪୯ ରନ୍ କରିଥିଲେ । ୨୧୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଶ୍ରୀଲଙ୍କା ଇନିଂସ ଆରମ୍ଭ କରିଥିଲା । ଅଧିନାୟକ ଚମାରୀ ଆଟାପାଟ୍ଟୁ ଓ ଇମେଶା ଦୁଲାନି ପ୍ରଥମ ୱିକେଟ୍ ପାଇଁ ମାତ୍ର ୧୮ ରନ୍ ଯୋଡ଼ିଥିଲେ । ଭାରତୀୟ ବୋଲରଙ୍କ ଦମଦାର ପ୍ରଦର୍ଶନ ଆଗରେ ଶ୍ରୀଲଙ୍କା ଦଳ ବଡ଼ ଲକ୍ଷ୍ୟ ହାସଲ କରିପାରିନଥିଲା । ୧୪୭ ରନ୍‌ର ବିଜୟ ସହ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ଏସିଆନ୍ ଗେମ୍ସ ୨୦୨୬ରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛି ।


## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ

# ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲ୍‌କେ



ଅହମ୍ମଦାବାଦ, ୨୨।୯: ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଗୁଜରାଟର ଏକତା ନଗରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ୨୦୨୪ ବର୍ଷ ପାଇଁ ପ୍ରଦତ୍ତ ଏହି ପୁରସ୍କାର ତାଲିକା ପୂର୍ବରୁ ଘୋଷିତ ହୋଇସାରିଥିଲା । ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । 'ଆର୍ଟିକିଲ୍ ୩୭୦'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ବଳିଷ୍ଠ ଅଭିନୟ ପାଇଁ ୟାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ବରିଷ୍ଠ ଅଭିନେତା ମାମୁଟ୍ଟି ଏବଂ କାର୍ତ୍ତିକ ଆରୟ୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସାମ୍ମାନିତ କରାଯାଇଥିଲା । ମାମୁଟ୍ଟିଙ୍କୁ 'ବ୍ରମାୟୁଗମ' ପାଇଁ ଏବଂ କାର୍ତ୍ତିକ ଅରୟ୍ୟନଙ୍କୁ 'ଚନ୍ଦୁ ଚାମ୍ପିଅନ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଅମ୍ରାନ ଚଳଚ୍ଚିତ୍ରରେ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ରାଜ କୁମାର ପେରିଆସାମୀଙ୍କ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମିଳିଥିବା ବେଳେ କଲ୍‌କି ୨୮୯୮ ଏଡିକୁ ଶ୍ରେଷ୍ଠ ମନୋରଂଜନଧର୍ମୀ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ଅନୁରୂପ ଭାବେ ପୁଷ୍ପା-୨, ସ୍ତ୍ରୀ-୨, ମହାରାଜା ଆଦି ଫିଲ୍ମକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା । ରାଜଧାନୀ ନୂଆଦିଲ୍ଲୀ ବାହାରେ ଏହା ଥିଲା ପ୍ରଥମ ଚଳଚ୍ଚିତ୍ର ପ୍ରଦାନ ଉତ୍ସବ ।

# 'ଲହରୀ'କୁ ମିଳିଲା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର




ଭୁବନେଶ୍ୱର, ୨୨।୯: ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର 'ଲହରୀ'କୁ ପ୍ରଦାନ କରାଯାଇଛି । ଗୁଜରାଟର ଏକତା ନଗରଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଲହରୀ' ହେଉଛି ୨୦୨୫ ମସିହାରେ ମୁକ୍ତିଲାଭ କରିଥିବା ଏକ ପ୍ରଶଂସିତ ଓଡ଼ିଆ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ଓଡ଼ିଶାର ମାଟି, ପରମ୍ପରା, ଏବଂ ମାନବୀୟ ସମ୍ପର୍କର ଏକ ସୁନ୍ଦର ମିଶ୍ରଣ । ଏହି ଚଳଚ୍ଚିତ୍ରକୁ ଓଲିଉଡର ଜଣାଶୁଣା ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଥିବା ବେଳେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଏଥିରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାଶ ମହାପାତ୍ର ଏବଂ ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ଓଡ଼ିଶାର ଗ୍ରାମୀଣ ପରିବେଶ, ବାପା-ପୁଅଙ୍କ ସମ୍ପର୍କର କାହାଣୀ, ବନ୍ଧୁତ୍ୱ ଏବଂ ଗାଁରେ 'ଇକୋ-ଟୁରିଜିମ୍' ମାଧ୍ୟମରେ ଲୋକଙ୍କ ବିକାଶକୁ ଖୁବ୍ ସୁନ୍ଦର ଭାବେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରଟି କେବଳ ଓଡ଼ିଶାରେ ନୁହେଁ, ବରଂ 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବର୍ଣ୍ଣ' ଭଳି ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସିତ ହୋଇଛି ।



# କୃଷ୍ଣ ଓ ରାମଙ୍କ ମଧ୍ୟରେ କିଏ ବଡ଼ !

ସଂସାରରେ ଅନେକ ପ୍ରକାର ଲୋକ ଅଛନ୍ତି। ଏହି ସଂସାରର ମାୟା ଏପରି ଯେ ସନ୍ଦେହ, ଦ୍ୱନ୍ଦ୍ୱ ଓ ଆଶଙ୍କାରୁ କେହି ମୁକ୍ତ ହୋଇପାରନ୍ତି ନାହିଁ। ତୁଳସୀ ଦାସଙ୍କର ମହିମା ଓ ପ୍ରସିଦ୍ଧି ଯେମିତି ବଢୁଥିଲା, ସେମିତି କିଛି ଲୋକଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନବାଚୀ ରହିଥିଲା। ଏପରି ଏକ ଘଟଣା ଏଠାରେ ଶୁଣନ୍ତୁ। ଥରେ ତୁଳସୀ ଦାସ ବୃନ୍ଦାବନ ଯାଇଥାନ୍ତି। ବୃନ୍ଦାବନର କେତେକ କୃଷ୍ଣଭକ୍ତ ତାଙ୍କୁ ରାମଭକ୍ତ ବୋଲି ଜାଣି ପରିହାସ କରି କହିଲେ – ତୁମେ ଜାଣିଛ କି ନାହିଁ, ଶ୍ରୀରାମ ହେଉଛି ବାର କଳାର ଅବତାର ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ଷୋହଳ କଳାର ଅବତାର। ଏତିକି ଶୁଣିବା କ୍ଷଣି ଗୋସ୍ୱାମୀ ମୂର୍ଚ୍ଛିତ ହୋଇଗଲେ। ବହୁ ଉପାୟରେ ମୂର୍ଚ୍ଛା ଦୂର ହେବା ପରେ ବ୍ରଜବାସୀମାନେ କ'ଣ ହେଲା ବୋଲି ପଚାରିବାରୁ ସେ କହିଲେ ଆଜି ପର୍ଯ୍ୟନ୍ତ ମୁଁ ଶ୍ରୀରାମଙ୍କୁ କେବଳ ଦଶରଥ ରାଜକୁମାର ଓ କୌଶଲ୍ୟାନନ୍ଦ ଭାବି ଭଜୁଥିଲି। ମୋତେ ଜଣା ନଥିଲା ଯେ ସେ ଏତେ ମହାନ ଓ ବାର କଳାର ଅବତାର ବୋଲି। ତୁମ ମୁଖରୁ ତାଙ୍କର ମହିମା ଶୁଣି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ। ଶ୍ରୀରାମଙ୍କ ପ୍ରତି ଗୋସ୍ୱାମୀଙ୍କ ଅଗାଧ ମାଧୁର୍ଯ୍ୟଭାବ ଦେଖି କୃଷ୍ଣଭକ୍ତମାନେ ବିସ୍ମିତ ହୋଇଗଲେ। ବାସ୍ତବରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଭିତରେ କୌଣସି ପ୍ରଭେଦ ନାହିଁ। ଦୁହେଁ ସାକ୍ଷାତ ଭଗବାନ – 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ (ଭାଗବତ)। ରାମସ୍ତୁ ଭଗବାନ ସ୍ୱୟଂ (ମହାରାମାୟଣ) କିନ୍ତୁ ଚନ୍ଦ୍ରବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀକୃଷ୍ଣ ଷୋହଳ ଏବଂ ସୂର୍ଯ୍ୟବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀରାମ ବାର କଳାଯୁକ୍ତ। ଅଜ୍ଞ ବ୍ୟକ୍ତିମାନେ ଏପରି ତର୍କ କରିଥାଆନ୍ତି।



## ଶ୍ରୀମନ୍ଦିରରେ
# ବାମନ ଜନ୍ମନୀତି

ପୁରୀ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ନୀତିକାନ୍ତି ମଧ୍ୟରେ ବାମନ ଜନ୍ମ ନୀତି ଏକ ପ୍ରମୁଖ ଧାର୍ମିକ ପର୍ବ। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଭଗବାନ ବିଷ୍ଣୁଙ୍କ ବାମନ ଅବତାର ସ୍ମରଣରେ ଏହି ନୀତି ପାଳନ କରାଯାଏ। ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ରୂପ ଭାବେ ଗ୍ରହଣ କରାଯାଉଥିବାରୁ ଶ୍ରୀମନ୍ଦିରରେ ଏହି ଅବତାରର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ପୁରାଣ ଅନୁସାରେ, ଅସୁରରାଜା ମହାବଳି ତାଙ୍କର ତପସ୍ୟା, ପରାକ୍ରମ ଓ ଦାନଶୀଳତା ବଳରେ ତିନିଲୋକ ଉପରେ ନିଜର ପ୍ରଭାବ ବିସ୍ତାର କରିଥିଲେ। ଦେବତାମାନେ ତାଙ୍କ ପ୍ରଭାବରେ ଚିନ୍ତିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୋଇଥିଲେ। ଦେବତାଙ୍କ ରକ୍ଷା ଓ ଧର୍ମର ପୁନଃସ୍ଥାପନ ପାଇଁ ଭଗବାନ ବିଷ୍ଣୁ ଏକ କ୍ଷୁଦ୍ର ବ୍ରାହ୍ମଣ ବାଳକ ରୂପେ ବାମନ ଅବତାର ଧାରଣ କରିଥିଲେ। ବାମନ ବେଶରେ ଭଗବାନ ମହାବଳିଙ୍କ ଯଜ୍ଞସ୍ଥଳରେ ପହଞ୍ଚି ତାଙ୍କୁ ମାତ୍ର ତିନି ପାଦ ଭୂମି ଦାନରେ ମାଗିଥିଲେ। ଦାନଶୀଳ ମହାବଳି ଏହି ଅନୁରୋଧକୁ ଗ୍ରହଣ କରିଥିଲେ। ଏହାପରେ ବାମନ ରୂପୀ ବିଷ୍ଣୁ ବିରାଟ ରୂପ ଧାରଣ କରି ଗୋଟିଏ ପାଦରେ ପୃଥିବୀ ଓ ଅନ୍ୟ ପାଦରେ ସ୍ୱର୍ଗଲୋକ ମାପି ନେଇଥିଲେ। ତୃତୀୟ ପାଦ ପାଇଁ ସ୍ଥାନ ନଥିବାରୁ ମହାବଳି ନିଜ ମସ୍ତକକୁ ସମର୍ପଣ କରିଥିଲେ। ତାଙ୍କ ଭକ୍ତି ଓ ପ୍ରତିଜ୍ଞାରେ ପ୍ରସନ୍ନ ହୋଇ ଭଗବାନ ତାଙ୍କୁ ଆଶୀର୍ବାଦ କରିଥିଲେ। ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅବସରରେ ପାରମ୍ପରିକ ବିଧିବିଧାନ ଅନୁସାରେ ନୀତିକାନ୍ତି ସମ୍ପନ୍ନ ହୁଏ। ଏହି ଦିନ ଭକ୍ତମାନେ ବାମନ ଅବତାରର ମହିମା ଶ୍ରବଣ କରିବା ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରନ୍ତି। ବାମନ ଅବତାର ମାନବ ସମାଜକୁ ଅହଂକାର ତ୍ୟାଗ, ଦାନଶୀଳତା, ସତ୍ୟନିଷ୍ଠା ଓ ଧର୍ମପଥରେ ଚାଲିବାର ବାର୍ତ୍ତା ଦେଇଥାଏ।

# ଭଜ ଗୋବିନ୍ଦ ଗୋବିନ୍ଦ ଭଜ...



'ମୋହମୁଦ୍‌ଗରଃ' ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବିରଚିତ ଏକ ସୁପ୍ରସିଦ୍ଧ ସଂସ୍କୃତ ରଚନା। ଏଥିରେ ଗୋବିନ୍ଦଙ୍କୁ ଭଜନ ନ କରୁଥିବା ମନୁଷ୍ୟମାନଙ୍କୁ ମୂଢ଼ମତି ବୋଲି କୁହାଯାଇ, ଗୋବିନ୍ଦଙ୍କୁ ଭଜନ କରିବା ପାଇଁ କୁହାଯାଇଛି। ଉପରୋକ୍ତ ସୁଭାଷିତ, ୨୦ଟି ଶ୍ଳୋକ ବିଶିଷ୍ଟ ସେହି 'ମୋହମୁଦ୍‌ଗରଃ'ର ଅଷ୍ଟମ ଶ୍ଳୋକ। ଭଗବାନ ବିଷ୍ଣୁଙ୍କର ଫାଲଗୁନ ମାସର ନାମ 'ଗୋବିନ୍ଦ'। ଏହା 'ବିଷ୍ଣୁ ସହସ୍ର ନାମର ୨୦ତମ ଶ୍ଳୋକରେ ରହିଛି। ଏବଂ ଏହା ୧୮୭ତମ ନାମ। ଏହି ନାମର ତାତ୍ପର୍ଯ୍ୟ ସଂପର୍କରେ ସ୍ୱାମୀ ଚିନ୍ମୟାନନ୍ଦ କହିଛନ୍ତି– 'ଗୋ' ଶବ୍ଦର ଚାରିଟି ଅର୍ଥ ରହିଛି। ତାହା ହେଉଛି ଧରିତ୍ରୀ, ଗାଈ, ବୀଣା ଓ ବେଦ। ଯେଉଁପରି ଧରିତ୍ରୀ ସମସ୍ତଙ୍କର ଆଶ୍ରୟଦାତା, ଠିକ୍ ସେହିପରି, ପ୍ରାଣୀର ଅନ୍ତର୍ନିହିତ ସତ୍ତାର ଆଶ୍ରୟଦାତା ହେଉଛନ୍ତି ବିଷ୍ଣୁ। ସେହିପରି, ଯିଏ ଗୋରକ୍ଷକ ଏବଂ ଗୋକୁଳରେ ଗୋପାଳର ଭୂମିକା ନିର୍ବାହ କରିଛନ୍ତି, ସେ ମଧ୍ୟ ମନୁଷ୍ୟ ହୃଦୟରେ ପଶୁ ପ୍ରବୃତ୍ତିର ନିୟନ୍ତ୍ରକ। ସେହି ଈଶ୍ୱର, ଯାହାଙ୍କ ବିନା କଣ୍ଠରୁ ବାଣୀର ସ୍ଫୁରଣ ହୋଇପାରେନା– ସେ ହିଁ ସକଳ ଜୀବର ଜୀବନ। ସେ ହିଁ ସର୍ବୋତ୍ତମ ବାଣୀ ଓ ଶବ୍ଦର ରଚୟିତା। 'ମୋହମୁଦ୍‌ଗରଃ'ର ଉପରୋକ୍ତ ସୁଭାଷିତରେ ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି– ଦିନ, ରାତି, ସନ୍ଧ୍ୟା ଓ ପ୍ରଭାତ, ଏ ସବୁ ଠିକ୍ ସମୟରେ ଆସୁଛନ୍ତି। ଶିଶିର ଓ ବସନ୍ତ ଆଦି ଋତୁମାନେ ଯାଉଛନ୍ତି ପୁଣି ଆସୁଛନ୍ତି। କାଳ ଏହିପରି ଭାବରେ କ୍ରୀଡ଼ା କରୁଛି। ମନୁଷ୍ୟର ଆୟୁ, ପ୍ରତିଦିନ କ୍ଷୟ ହେଉଛି। ତଥାପି ତା'ର ଆଶା ଓ କାମନାର ପ୍ରବାହ କ୍ଷୀଣ ହେଉନାହିଁ। ଏଣୁ ହେ ମୂଢ଼ମତି ମନୁଷ୍ୟ! ଗୋବିନ୍ଦଙ୍କୁ ଭଜନ କର। ଏହି ସ୍ତୋତ୍ରର ରଚନା ସହିତ ଜଡିତ ଏକ କିମ୍ବଦନ୍ତୀ ଅଛି। କୁହାଯାଏ ଯେ ଆଦି ଶଙ୍କରାଚାର୍ଯ୍ୟ ତାଙ୍କ ଶିଷ୍ୟମାନଙ୍କ ସହିତ ଦିନେ ବାରାଣସୀର ଏକ ରାସ୍ତାରେ ଯାଉଥିଲେ, ଯେତେବେଳେ ସେ ରାସ୍ତାରେ ଜଣେ ବୃଦ୍ଧ ବିଦ୍ୱାନଙ୍କୁ ବାରମ୍ବାର ପାଣିନିଙ୍କ ସଂସ୍କୃତ ବ୍ୟାକରଣର ନିୟମ ପାଠ କରୁଥିବାର ଦେଖିଲେ। ତାଙ୍କ ପ୍ରତି ଦୟା ପ୍ରକାଶ କରି, ଆଦି ଶଙ୍କରାଚାର୍ଯ୍ୟ ସେହି ବିଦ୍ୱାନଙ୍କ ପାଖକୁ ଗଲେ ଏବଂ ତାଙ୍କୁ ପରାମର୍ଶ ଦେଲେ ଯେ ତାଙ୍କ ବୟସରେ ବ୍ୟାକରଣରେ ସମୟ ନଷ୍ଟ ନ କରି, ବରଂ ପୂଜା ଏବଂ ଆରାଧନାରେ ଈଶ୍ୱରଙ୍କ ପ୍ରତି ତାଙ୍କର ମନକୁ ଫେରାଇ ଆଣନ୍ତୁ, ଯାହା ତାଙ୍କୁ କେବଳ ଜୀବନ ଏବଂ ମୃତ୍ୟୁର ଏହି ଦୁଷ୍ଟଚକ୍ରରୁ ରକ୍ଷା କରିପାରିବ। 'ଭଜ ଗୋବିନ୍ଦମ୍' ସ୍ତୋତ୍ର ଏହି ଅବସରରେ ରଚିତ ହୋଇଥିବା କୁହାଯାଏ। ଏହି ରଚନାଟି ଏକ ସ୍ମରଣକାରୀ ଯେ ଆଦି ଶଙ୍କରାଚାର୍ଯ୍ୟ, ଯାହାକୁ ପ୍ରାୟତଃ ମୋକ୍ଷ ପ୍ରାପ୍ତ କରିବା ପାଇଁ ଜ୍ଞାନ ମାର୍ଗ କିମ୍ବା 'ଜ୍ଞାନର ପଥ' ର ପୁନର୍ଜୀବକ ଭାବରେ ବିବେଚନା କରାଯାଏ, ସମାନ ଲକ୍ଷ୍ୟ ହାସଲ କରିବା ପାଇଁ ଭକ୍ତି ମାର୍ଗ (ଭକ୍ତିର ପଥ) ର ପ୍ରବକ୍ତା ଥିଲେ। ସି. ରାଜଗୋପାଳଚାରୀ ତାଙ୍କ ବ୍ୟାଖ୍ୟାରେ କହିଛନ୍ତି, 'ଯେତେବେଳେ ବୁଦ୍ଧି (ଜ୍ଞାନ) ପରିପକ୍ୱ ହୁଏ ଏବଂ ହୃଦୟରେ ସୁରକ୍ଷିତ ଭାବରେ ସ୍ଥାନ ପାଏ, ତାହା ଜ୍ଞାନ (ବିଜ୍ଞାନ) ହୋଇଯାଏ। ଯେତେବେଳେ ସେହି ଜ୍ଞାନ (ବିଜ୍ଞାନ) ଜୀବନ ସହିତ ଏକୀକୃତ ହୋଇ କାର୍ଯ୍ୟରେ ପ୍ରକାଶିତ ହୁଏ, ତାହା ଭକ୍ତି (ଭକ୍ତି) ହୋଇଯାଏ। ପରିପକ୍ୱ ହୋଇଥିବା ଜ୍ଞାନ (ଜ୍ଞାନ)କୁ ଭକ୍ତି (ଭକ୍ତି) କୁହାଯାଏ। ଯଦି ଏହା ଭକ୍ତି (ଭକ୍ତି)ରେ ରୂପାନ୍ତରିତ ନ ହୁଏ, ତେବେ ଏପରି ଜ୍ଞାନ ଅଦରକାରୀ।

ହିନ୍ଦୁ ଧର୍ମରେ ତିନି ଜଣ ମୁଖ୍ୟ ଦେବତା ଅଛନ୍ତି: ବ୍ରହ୍ମା, ବିଷ୍ଣୁ ଏବଂ ମହେଶ। ମହେଶ ହେଉଛି ଭଗବାନ ଶଙ୍କରଙ୍କ ନାମ। ମହାଦେବ ଅନନ୍ତ। ଶାସ୍ତ୍ରରେ, ସୋମବାର ତାଙ୍କ ପାଇଁ ଉତ୍ସର୍ଗୀକୃତ। ତାଙ୍କ ପାଇଁ ଅନେକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଉପବାସ ଅଛି, ଯାହା ପାଳନ କରିବା ଦ୍ୱାରା ଭକ୍ତମାନଙ୍କୁ ବିଶେଷ ଲାଭ ମିଳିଥାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗକୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି। ମହାଶିବରାତ୍ରି, ଶ୍ରାବଣ ମାସ, ପ୍ରଦୋଷ ବ୍ରତ ଏବଂ ମାସିକ ଶିବରାତ୍ରି ଭଳି ଉପବାସରେ, ଶିବଲିଙ୍ଗକୁ ଜଳରେ ଅଭିଷେକ କରି ପୂଜା କରାଯାଏ। କିନ୍ତୁ ଜାଣନ୍ତି କି ? ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ ? ଶିବଲିଙ୍ଗ ପୂଜା ପଛର ରହସ୍ୟ ଏଥର ଅନୁସନ୍ଧାନ କରିବା।

# ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ





## ବେଦ ଅନୁସାରେ...

ବେଦ ଅନୁସାରେ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡରେ ଏକମାତ୍ର ଦେବତା ଯାହାଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ। ଭଗବାନ ଶିବଙ୍କୁ ଆରମ୍ଭ ଏବଂ ଶେଷର ଦେବତା ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର କୌଣସି ଆକାର ନାହିଁ କିମ୍ବା ଆକାର ନାହିଁ। ମହାଦେବଙ୍କୁ ନିରାକାର ବୋଲି ବିବେଚନା କରାଯାଏ। ଭଗବାନ ଶିବଙ୍କ କୌଣସି ଆରମ୍ଭ କିମ୍ବା ଶେଷ ନଥିବାରୁ, ଲିଙ୍ଗକୁ ଭଗବାନ ଶିବଙ୍କ ନିରାକାର ରୂପ ଭାବରେ ବିବେଚନା କରାଯାଏ। ଭଗବାନଙ୍କ ସାକାର ରୂପ ହେଉଛନ୍ତି ଭଗବାନ ଶଙ୍କର, ଏବଂ ନିରାକାର ରୂପ ହେଉଛି ଶିବଲିଙ୍ଗ। ଶିବଲିଙ୍ଗ ନିରାକାର ବ୍ରହ୍ମକୁ ପ୍ରତୀକ କରେ। ବାୟୁ ପୁରାଣ ଅନୁସାରେ, ପ୍ରତ୍ୟେକ ଯୁଗର ମହାକାଳ ପରେ, ଜଗତ ଏହି ଶିବଲିଙ୍ଗରେ ଲୀନ ହୁଏ, ଯାହା ପରେ ଜଗତକୁ ପୁନଃନିର୍ମାଣ କରେ। ବେଦରେ, ଲିଙ୍ଗ ଶବ୍ଦ ସୂକ୍ଷ୍ମ ଶରୀର ପାଇଁ ବ୍ୟବହୃତ ହୋଇଛି। ଏହା ୧୭ଟି ଉପାଦାନରେ ଗଠିତ।


## ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା ?

ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ। ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ। ହଠାତ୍ ଏକ ଲିଙ୍ଗ ଦେଖାଗଲା। ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ। ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ। ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା। ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ। କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗକୁ ପୂଜା କରିବା ଆରମ୍ଭ କରିଥିଲେ। ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା।

# କେଦାରନାଥ ଓ ପଶୁପତିନାଥ ଜ୍ୟୋତିର୍ଲିଙ୍ଗ

ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ନେପାଳର ପଶୁପତିନାଥ ଜ୍ୟୋର୍ତିଲିଙ୍ଗ ଅନ୍ୟତମ । ଏହାକୁ କେଦାରନାଥ ଧାମରେ ଥିବା କେଦାରେଶ୍ୱର ଜ୍ୟୋତିର୍ଲିଙ୍ଗର ଅଂଶବିଶେଷ ବୋଲି ମଧ୍ୟ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ମହାଭାରତ ଯୁଦ୍ଧରେ ଭ୍ରାତୃହତ୍ୟା ଦୋଷରେ ଭାଗୀ ହୋଇ ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ଲାଗି ବାହାରିଗଲେ । ଗୁପ୍ତକାଶୀ ନିକଟରେ ପାଣ୍ଡବମାନଙ୍କୁ ଦେଖି ଭଗବାନ ଶିବ କେଦାରନାଥ ଧାମ ଆଡ଼କୁ ଚାଲିଗଲେ । ପାଣ୍ଡବମାନେ କେଦାରନାଥରେ ଯାଇ ପହଞ୍ଚିଲେ । ପାଣ୍ଡବମାନଙ୍କୁ ଦେଖି ମହାଦେବ ଏକ ଷଣ୍ଢ ରୂପ ଧାରଣ କରି ଗୋରୁପଲରେ ସାମିଲ ହୋଇଗଲେ । ମାତ୍ର ପାଣ୍ଡବମାନେ ତାଙ୍କୁ ଚିହ୍ନି ପାରିଲେ । ଶିବ ଏହା ଜାଣିପାରି ମାଟି ତଳକୁ ପଶିଯିବାକୁ ଉଦ୍ୟମ କଲେ । ଏହି ସମୟରେ ଭୀମ ଦୌଡ଼ି ଯାଇ ତାଙ୍କୁ କୁଣ୍ଢାଇ ପକାଇଲେ । ଏହାପରେ ଶିବ ପ୍ରକଟ ହୋଇ ପାଣ୍ଡବମାନଙ୍କୁ ଭ୍ରାତୃହତ୍ୟା ଦୋଷରୁ ମୁକ୍ତ କଲେ । ତେବେ ମାଟି ତଳେ ପୋତି ହୋଇଯାଇଥିବା ଷଣ୍ଢରୂପୀ ଶିବଙ୍କ ମସ୍ତକ ନେପାଳରେ ଯାଇ ପହଞ୍ଚିଥିଲା । ଷଣ୍ଢର ଶରୀର କେଦାରନାଥ ନିକଟରେ ଥିଲା । ଏହି କାରଣରୁ କେଦାରନାଥ ଏବଂ ପଶୁପତିନାଥଙ୍କୁ ଗୋଟିଏ ଜ୍ୟୋତିର୍ଲିଙ୍ଗର ଅଂଶବିଶେଷ ବୋଲି ଧରାଯାଇଥାଏ । ପଶୁପତିନାଥଙ୍କ ଦର୍ଶନ କରିବା ଦ୍ୱାରା ମନୁଷ୍ୟ କେବେ ହେଲେ ପଶୁ ଯୋନିରେ ଜନ୍ମ ହୋଇନଥାଏ । ଜନଶ୍ରୁତି ରହିଛି ଯେ ଯଦି ପଶୁପତିନାଥ ମନ୍ଦିର ଭିତରକୁ ଯିବା ପୂର୍ବରୁ ଭକ୍ତ ମନ୍ଦିର ବାହାରେ ଥିବା ନନ୍ଦୀ ଦେବଙ୍କ ଦର୍ଶନ କରିଥାଏ, ତେବେ ସେ ପଶୁଯୋନିରେ ଜନ୍ମ ନେବା ନିଶ୍ଚିତ । ପଶୁପତିନାଥ ଜ୍ୟୋତିର୍ଲିଙ୍ଗ ହେଉଛି ଚର୍ତୁମୁଖୀ । କୁହାଯାଏ, ଏଥିରେ ପାରସ୍ ପଥରର ଗୁଣ ରହିଛି, ଯାହା ଲୁହାକୁ ମଧ୍ୟ ସୁନା କରି ଦେଇପାରେ । ଅନ୍ୟପକ୍ଷରେ କେଦାରନାଥ ଶୈବପୀଠ ଭାରତରେ ରହିଛି । ଭାରତର ଦେବଭୂମି ଉତ୍ତରାଖଣ୍ଡରେ ଭଗବାନ କେଦାରନାଥ ବିରାଜମାନ କରିଛନ୍ତି । କେଦାରନାଥ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ । ଏହି ଶୈବପୀଠଟି ଅତ୍ୟନ୍ତ ପବିତ୍ର ତଥା ପ୍ରତ୍ୟକ୍ଷ ଧାର୍ମିକସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି । ଏହି ପୀଠ ମହାଦେବଙ୍କ ପ୍ରିୟ ସ୍ଥାନ ହିମାଳୟ କୋଳରେ ରହିଛି ।





# ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ଭାପୁର,(ନିପ୍ର): ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁପଡା ଗ୍ରାମର ଆରାଧଦେବ ରାମେଶ୍ୱର ଶୈବପୀଠର ଜମି ଚିହ୍ନଟ କରିବା ସହ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲୋକକଥା ଅନୁସାରେ,ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ମାତା ରାମେଶ୍ୱର ଦେବୀ ଶୈବପୀଠରେ ଗୁହାରି ପଡ଼ିବା ପରେ ପଠାଣି ସାମନ୍ତ ଜନ୍ମଗ୍ରହଣ କରିଥିଲେ। ଉକ୍ତ ଶୈବପୀଠକୁ ବିଭିନ୍ନ ପର୍ବପର୍ବାଣିରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ମାତ୍ର ଶୈବପୀଠର ରାସ୍ତାଘାଟ,ଯାତ୍ରାପଡିଆ,ପୁଷ୍କରିଣୀ, ଶ୍ମଶାନ ଘାଟ ଆଦି ଗ୍ରାମର କେତେକ ଖଳ ପ୍ରକୃତିର ଲୋକ ଜବରଦଖଲ କରି ଆସୁଛନ୍ତି। ସେମାନଙ୍କୁ ବାରମ୍ବାର ତାଗିଦ କଲେ ମଧ୍ୟ ସେମାନେ କୌଣସି କର୍ଣ୍ଣପାତ କରୁନାହାନ୍ତି । ସେହି ବାଟଦେଇ ଗ୍ରାମର ଛାତ୍ରଛାତ୍ରୀ ରାସ୍ତା ସଂକୀର୍ଣ୍ଣ ପାଇଁ ବିଦ୍ୟାଳୟକୁ ଯାଇ ପାରୁ ନ ଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବରୋଧ ହେବାରୁ ସଙ୍କୁଚିତ ରାସ୍ତାରେ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ଦୃଷ୍ଟିରେ ଖୁଣ୍ଟୁପଡା ଗ୍ରାମବାସୀ ଦେବୋତ୍ତର କମିଶନର, ତହସିଲଦାର ଓ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏନେଇ ସମସ୍ତ ଗ୍ରାମବାସୀ ଏକାଠି ହୋଇ ଭାପୁର ଯୁଗ୍ମ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳ ମଧୁମିତା ରଥଙ୍କୁ ଅଭିଯୋଗ କରିଛନ୍ତି। ଶୈବପୀଠର ଜାଗା ଚିହ୍ନଟ ସହ ରାସ୍ତାଘାଟ,ଶ୍ମଶାନଘାଟ, ଯାତ୍ରାପଡିଆ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କ ଠାରୁ ଉଚ୍ଛେଦ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏନେଇ ଜିଲ୍ଲାପାଳ, ଭାପୁର ତହସିଲଦାର, ଅତିରିକ୍ତ ତହସିଲଦାର ଓ ଆରଆଇଙ୍କୁ ଡାକି ତୁରନ୍ତ ଖୁଣ୍ଟପଡା ଗ୍ରାମର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି।

# ଶ୍ରୀମା ଅରବିନ୍ଦଙ୍କ ପାଠଚକ୍ରରେ ସାମିଲ ହେଲେ ଗ୍ରାମବାସୀ

ନିମାପଡ଼ା,(ନି.ପ୍ର.): ପୁରୀ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ଅନୁଯାୟୀ ନିମାପଡ଼ାସ୍ଥିତ ଅଣ୍ଠିଆସାହି ଗ୍ରାମରେ ପାଠଚକ୍ର ଅନୁଷ୍ଠିତ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ସୌହାର୍ଦ୍ଧ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଇଥିଲା । ପରସ୍ପର ମଧ୍ୟରେ ଆନନ୍ଦ ବାଂଟିବା ସାଙ୍ଗକୁ କୌଣସି ପରିସ୍ଥିତିରେ ମାଲି ମୋକଦ୍ଦମା ଆଡ଼କୁ ନ ଯାଇ ନିଜ ନିଜ ମଧ୍ୟରେ ଶ୍ରୀମା ଅରବିନ୍ଦ ସାଧକ ସୁକାନ୍ତ ଜେନା, ନିମାପଡ଼ା ବ୍ଲକ୍ ସଂଯୋଜକ ବିଶ୍ୱମ୍ବର ସାହୁ ପ୍ରମୁଖ ଯୋଗ ଦେଇ ମନକୁ ନିୟନ୍ତ୍ରଣ କରିପାରିଲେ ଇଶ୍ୱର ସାକ୍ଷାତକାର ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀମା ହିଁ ସବୁ ସମସ୍ୟାର ଏବଂ ପ୍ରତ୍ୟେକ ମଣିଷ ଆଧାତ୍ମିକତା ଦିଗରେ ମନ ବଳାଇଲେ ସଫଳତା ସୁନିଶ୍ଚିତ ବୋଲି ମତବ୍ୟକ୍ତ କରି ସତସଙ୍ଗ ଦ୍ୱାରା ଏହା ଲାଭ କରାଯାଇଥାଏ ବୋଲି ସାଧକମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

# ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଆବେଦନ ଆହ୍ୱାନ

କଟକ(ନିପ୍ର): ଚଳିତ ବର୍ଷର କଟକର ଐତିହାସିକ ବାଲିଯାତ୍ରା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ବାଲିଯାତ୍ରାର ବିଭିନ୍ନ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଇଚ୍ଛୁକ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି। ଆବେଦନ ଫର୍ମ ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ। ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ସହ ପୂରଣ କରାଯାଇଥିବା ଆବେଦନପତ୍ର ଅକ୍ଟୋବର ୨୦ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀ, କଟକଙ୍କ କାର୍ଯ୍ୟାଳୟରେ ସିଧାସଳଖ ଦାଖଲ କରିପାରିବେ କିମ୍ବା ଇ-ମେଲ୍ ମାଧ୍ୟମରେ ପଠାଇପାରିବେ। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନକୁ ଚୟନ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ। ଏଥିସହିତ ଅଂଶଗ୍ରହଣର ପ୍ରମାଣପତ୍ର ଓ ଭିଡିଓ ପ୍ରଦାନ କରିବାକୁ ଅନୁରୋଧ । ଅସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ଅନୁଷ୍ଠାନକୁ ଗୋଟିଏ ଥର କାର୍ଯ୍ୟକ୍ରମ ପରିବେଷଣର ସୁଯୋଗ ମିଳିବ। ପ୍ରତ୍ୟେକ ସାଂସ୍କୃତିକ ଦଳରେ ସର୍ବନିମ୍ନ ୧୦ ଓ ସର୍ବାଧିକ ୨୫ ଜଣ କଳାକାର ରହିପାରିବେ ।

# ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୌରୀ ବୃନ୍ଦାବନ ଟ୍ରଷ୍ଟର ସଭାନେତ୍ରୀ ସ୍ୱର୍ଣ୍ଣଲତା ଦାଶ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ଜେନା,ପ୍ରଧାନ ଶିକ୍ଷକ ରତ୍ନାକର କହଁର ପ୍ରମୁଖ ଯୋଗ ଦେଇ ଆୟୋଜିତ କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# ୫ ବର୍ଷ ହେଲା ଅଧାପନ୍ତରିଆ ମିଶନ ଶକ୍ତି ଗୃହ

## ୨୦ ଲକ୍ଷ ୪୬ ହଜାର ଟଙ୍କାର ପ୍ରକଳ୍ପ ଅବ୍ୟବହୃତ

ଝାରସୁଗୁଡ଼ା,(ନିପ୍ର): ମହିଳାଙ୍କୁ ଏକତ୍ର କରି ସେମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ପାଇଁ ନିର୍ମିତ ହେଉଥିବା ମିଶନ ଶକ୍ତି ଗୃହ ନିଜେ ଅସହାୟ ହୋଇପଡ଼ିଛି। ନିର୍ମାଣ ଆରମ୍ଭ ହେବାର ପ୍ରାୟ ୫ ବର୍ଷ ପରେ ମଧ୍ୟ ଗୃହଟି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟ ସାଧନ କରିବା ପରିବର୍ତ୍ତେ ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି।



ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କତରବଗା ପଞ୍ଚାୟତର ସୁଖାଡ଼ିହି ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗୃହଟିର ନିର୍ମାଣର ଅଧିକାଂଶ କାମ ସରିଥିଲେ ମଧ୍ୟ ଦୀର୍ଘଦିନ ଧରି ଅବଶିଷ୍ଟ କାର୍ଯ୍ୟ ଆଗକୁ ବଢୁନାହିଁ। କବାଟ ଓ ଝରକା ଲଗାଯାଇନଥିବା ସହ ଶୌଚାଳୟ, ଭିତର ପ୍ଲାଷ୍ଟର ଭଳି ଅନେକ କାମ ଅଧାପନ୍ତରିଆ ହୋଇରହିଛି। ଯତ୍ନ ଅଭାବରୁ ଗୃହର ଚାରିପଟେ ଅନାବନା ଗଛଲତା ମାଡ଼ିଯାଇଥିବାରୁ ପରିସରଟି ଏକପ୍ରକାର ଅବହେଳିତ ଅବସ୍ଥାକୁ ଚାଲିଯାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ସୁଖାଡ଼ିହିରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଜିଲା ଖଣିଜ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୨୦ ଲକ୍ଷ ୪୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରେ ଲଖନପୁର ପଞ୍ଚାୟତ ସମିତି ପକ୍ଷରୁ ଜଣେ ଠିକାଦାରଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଆଂଶିକ ଭାବେ ସରିବା ପରେ କାହିଁକି ଏହା ଅଟକି ରହିଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏତେ ବର୍ଷ ଧରି ପ୍ରକଳ୍ପଟି ସମ୍ପୂର୍ଣ୍ଣ ନ ହେବା ଯୋଗୁ ସରକାରୀ ଅର୍ଥର ବିନିଯୋଗ ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଗ୍ରାମରେ ମିଶନ ଶକ୍ତି ସହ ସମ୍ପୃକ୍ତ ମହିଳାମାନଙ୍କ ବୈଠକ, ସଚେତନତା କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଓ ବିଭିନ୍ନ ସାମୂହିକ କାର୍ଯ୍ୟ ପାଇଁ ଏକ ସ୍ଥାୟୀ ସ୍ଥାନର ଆବଶ୍ୟକତା ରହିଛି। ମାତ୍ର ନିର୍ଦ୍ଦିଷ୍ଟ ଗୃହଟି ବ୍ୟବହାର ଉପଯୋଗୀ ହୋଇନଥିବାରୁ ମହିଳାମାନଙ୍କୁ ବିଭିନ୍ନ ସମୟରେ ଅନ୍ୟ ସ୍ଥାନ ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥାନୀୟ ମହିଳା ସଂଗଠନର ସଦସ୍ୟାମାନଙ୍କ କହିବା ଅନୁଯାୟୀ, ଗୃହର ବାକି କାମ ଶୀଘ୍ର ଶେଷ କରିବା ପାଇଁ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଏକାଧିକ ଥର ଜଣାଯାଇଛି। ତଥାପି ଏଯାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏଭଳି ସ୍ଥିତିରେ ପ୍ରକଳ୍ପଟି କେବେ ସମ୍ପୂର୍ଣ୍ଣ ହେବ ଏବଂ ମହିଳାମାନେ କେବେ ଏହାର ସୁବିଧା ପାଇବେ, ତାହା ଅନିଶ୍ଚିତ ହୋଇପଡ଼ିଛି। ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଶେଷ କରି ଗୃହଟିକୁ ମହିଳାମାନଙ୍କ ବ୍ୟବହାର ପାଇଁ ଖୋଲିଦେବାକୁ ସୁଖାଡ଼ିହି ଗ୍ରାମବାସୀ ଓ ମହିଳା ସଂଗଠନ ପକ୍ଷରୁ ଦାବି ହୋଇଛି।

# ଆସିକା ସମବାୟ ଚିନିଶିଳ୍ପକୁ ଜାତୀୟ ଦକ୍ଷତା ପୁରସ୍କାର

ଆସିକା,(ନିପ୍ର): ଜାତୀୟ ସମବାୟ ଚିନିଶିଳ୍ପ ମହାସଂଘ ଲିମିଟେଡ୍, ନୂଆଦିଲ୍ଲୀ ପକ୍ଷରୁ ଆସିକା ସମବାୟ ଚିନିଶିଳ୍ପ ଲିମିଟେଡ୍‌କୁ ୨୦୨୫-୨୬ ବର୍ଷ ପାଇଁ "ଜାତୀୟ ଦକ୍ଷତା ପୁରସ୍କାର" ପ୍ରଦାନ କରାଯାଇଛି। ଏସିଆର ସର୍ବପୁରାତନ ତଥା ଓଡ଼ିଶାର ଏକମାତ୍ର ଚିନିକଳ ଭାବେ ପରିଚିତ ଆସିକା ସମବାୟ ଚିନିଶିଳ୍ପ ଏହି ସମ୍ମାନ ପାଇଛି।



ନୂଆଦିଲ୍ଲୀରେ ଏନ୍‌ଏଫ୍‌ସିଏସ୍‌ଏଫ୍ ପକ୍ଷରୁ ୨୨ ସେପ୍ଟେମ୍ବର ୨୦୨୬ରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ସଭାପତି ରବୀନ୍ଦ୍ର ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସମବାୟ ଚିନିଶିଳ୍ପ କ୍ଷେତ୍ରରେ ୨୦୨୫-୨୬ ଆର୍ଥିକ ବର୍ଷରେ ଆସିକା ଚିନିଶିଳ୍ପର ଉଲ୍ଲେଖନୀୟ ଅବଦାନକୁ ଆଧାର କରି ଏହି ସମ୍ମାନ ଦିଆଯାଇଛି। ଆଖୁଚାଷୀଙ୍କୁ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟଠାରୁ ଅଧିକ ଦର ପ୍ରଦାନ କରିବା ସହ ପ୍ରତି ଏକର ପିଛା ସର୍ବାଧିକ ୪ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଇଛି। ଆଖୁଚାଷ ପାଇଁ ଉନ୍ନତମାନର ବିହନ ଓ ସାର ଚାଷୀଙ୍କ ଘରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଥିବାବେଳେ ଏହାର ପରିବହନ ଖର୍ଚ୍ଚ ଚିନିଶିଳ୍ପ ବହନ କରିଛି। ଶୃଙ୍ଖଳିତ ଆଖୁ ଯୋଗାଣ ପାଇଁ ଚାଷୀମାନଙ୍କୁ ପରିବହନ ରିହାତି ମଧ୍ୟ ପ୍ରଦାନ କରାଯାଇଛି। ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ଆଖୁଚାଷ, ଅଧିକ ଉତ୍ପାଦନ ଓ ଆୟ ପାଇଁ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ଚିନିଶିଳ୍ପ ଚାଷୀମାନଙ୍କ ସହ ମିଳିତ ଭାବେ କାମ କରିଛି। ସାମାଜିକ ଦାୟିତ୍ୱ କ୍ଷେତ୍ରରେ ମଧ୍ୟ ଚିନିଶିଳ୍ପର ଅବଦାନ ରହିଛି। ନିକଟସ୍ଥ ଅଞ୍ଚଳର ଯକ୍ଷ୍ମା ରୋଗୀମାନଙ୍କୁ ମାସିକ ଖାଦ୍ୟ ସହାୟତା, କର୍ମଚାରୀଙ୍କ ଚିକିତ୍ସା ଖର୍ଚ୍ଚ ବହନ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହ ଚିନିଶିଳ୍ପ ନିକଟସ୍ଥ ଗ୍ରାମଗୁଡ଼ିକୁ ପାଣି, ବିଦ୍ୟୁତ ଓ ବୈଦ୍ୟୁତିକ ସରଞ୍ଜାମ ଯୋଗାଇ ଆସୁଛି। ଏହାସହ ଚିନିଶିଳ୍ପ ପକ୍ଷରୁ ଜିଏସ୍‌ଟି, ଆୟକର ଓ ଅବକାରୀ ଶୁଳ୍କ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରତିବର୍ଷ ଶହ ଶହ କୋଟି ଟଙ୍କା ରାଜସ୍ୱ ମିଳୁଛି। ଅଞ୍ଚଳର ବେରୋଜଗାର ଶିକ୍ଷିତ ଯୁବକ-ଯୁବତୀଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରିବାରେ ମଧ୍ୟ ଚିନିଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱୀକୃତି ଦେଇ ଏନ୍‌ଏଫ୍‌ସିଏସ୍‌ଏଫ୍ ପକ୍ଷରୁ ଆସିକା ସମବାୟ ଚିନିଶିଳ୍ପକୁ ୨୦୨୫-୨୬ ବର୍ଷ ପାଇଁ ଜାତୀୟ ଦକ୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ମିଳିବା ଖବର ପାଇଁ ଆସିକାର ବୁଦ୍ଧିଜୀବୀ, ସାମ୍ବାଦିକ, ସମବାୟବିତ, କର୍ମଚାରୀ ସଙ୍ଘ ଏମଡିଓ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ବିଶାଳ ବିକ୍ଷୋଭ




କଟକ(ନିପ୍ର) : ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବା, ବିନା ଥଇଥାନରେ ଲଗାତାର ଚାଲିଥିବା ବସ୍ତି ଉଚ୍ଛେଦ ବନ୍ଦ କରିବା, ଜୀବିକା ସୁରକ୍ଷାର ଆବଶ୍ୟକତା ପାଇଁ କର୍ମସ୍ଥଳ ନିକଟରେ ଥଇଥାନ କରିବା, ସମ୍ବିଧାନ ଓ ଆଇନ ଅନୁସାରେ ବସ୍ତି ଗୁଡିକୁ ଓ ବସ୍ତି ବାସିନ୍ଦାଙ୍କୁ ମଣିଷ ରହିବା ଯୋଗ୍ୟ ପରିବେଶ ଯୋଗାଇ ଦେବା, କଟକ ମହାନଗରର ବସ୍ତି ଓ ବସ୍ତି ବାସିନ୍ଦାଙ୍କ ପୂର୍ଣ୍ଣ ତାଲିକା ସାର୍ବଜନୀନ କରିବା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବସ୍ତି ବାସିନ୍ଦାଙ୍କ ଏକ ବିଶାଳ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଞ୍ଚ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦିଆ ଯାଇଥିଲା। ବିକ୍ଷୋଭ ସ୍ଥଳରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଓ ବସ୍ତି ବାସିନ୍ଦାଙ୍କ ଦାବିର ସମର୍ଥନରେ ବିଶ୍ୱାବସୁ ଦାସ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବସ୍ତି ନେତା ଦୀପକ ଦାସ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ନୟନା ନାୟକ, ଗଙ୍ଗାଧର ଦଳାଇ, ସୁଜାତା ମହାପାତ୍ର, ବିଚିତ୍ର ପାତ୍ର, ଶିବ ବେହେରା,ସୁରେନ୍ଦ୍ର ନାଥ ମୁର୍ମୁ, ଚାନ୍ଦୁ ହେମ୍ବ୍ରମ, ଜିତୁ ମାରାଣ୍ଡି, ବାପି ମୁର୍ମୁ, ରେଣୁବାଳା ଦାସ, ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ବର୍ଷାରେ ବେହାଲ କାକଟପୁର: ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍



କାକଟପୁର(ନିପ୍ର): କାକଟପୁରରେ ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଏବଂ ଜଳବନ୍ଦୀ ସମସ୍ୟା କାରଣରୁ ଅଞ୍ଚଳର ବ୍ୟବସାୟିକ ବାଣିଜ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ବଜାରରେ ପାଣି ଜମି ରହିବା ଏବଂ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଦୋକାନ ବଜାରକୁ ଗ୍ରାହକମାନେ ଆସିପାରୁନାହାଁନ୍ତି। ଦିନସାରା ଦୋକାନ ଖୋଲା ରହୁଥିଲେ ମଧ୍ୟ ଗ୍ରାହକ ନାହାଁନ୍ତି, ଯାହାଫଳରେ ଛୋଟ ଓ ବଡ଼ ବ୍ୟବସାୟୀମାନେ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କାକଟପୁର ମୁଖ୍ୟ ବଜାର, ପନିପରିବା ବଜାର ଏବଂ ଫୁଟ୍‌ପାଥ୍ ଦୋକାନୀମାନେ ଏହି ବର୍ଷା ଯୋଗୁଁ ବେଶ୍ ପ୍ରଭାବିତ ହୋଇଛନ୍ତି। ଲଗାଣ ବର୍ଷା ଏବଂ ଜଳ ନିଷ୍କାସନର ସମୁଚିତ ବ୍ୟବସ୍ଥା ନଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନଗଲେ ବ୍ୟବସାୟୀମାନେ ଆହୁରି ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଉଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି ଯୋଗୁଁ ଦିନ ମଜୁରିଆ ମାନେ ଗୃହ ବନ୍ଦୀ ହୋଇ ରହୁଛନ୍ତି।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୯୧୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କଲେ

ପୁରୀ,(ନିପ୍ର): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଟି ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ ଓ ସହାୟକଙ୍କ ସହ ମୋଟ ୧୦୩୦ ଜଣ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆସିଥିବା ଶ୍ରଦ୍ଧାଳୁମାନେ ବୃନ୍ଦାବତୀ ନିବାସ ଠାରେ ପହଞ୍ଚି ଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରଦ୍ଧାଳୁ ମାନଙ୍କ ସହ ଆଲୋଚନା କରିଥିଲେ।ଶ୍ରଦ୍ଧାଳୁ ମାନଙ୍କର ସମସ୍ତ ସୁବିଧା ସହ ରହିବା, ଖାଇବା, ଦର୍ଶନ କରିବାରେ କୌଣସି ସମସ୍ୟା ନ ରୁହେ ସେଥିପ୍ରତି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚିବା ପରେ ଜଳଖିଆ ଖାଇ ମନ୍ଦିର ଦର୍ଶନ କରି ମଧ୍ୟାହ୍ନରେ ମଧ୍ୟାହ୍ନ ଭୋଜନ ଖାଇ ବିଶ୍ରାମ ନେଇଥିଲେ।ପୁନଶ୍ଚ ଚା,ବିସ୍କୁଟ ଇତ୍ୟାଦି ଜଳଖିଆ ଖାଇ ସଂଧ୍ୟାରେ ମହାପ୍ରସାଦ ସେବନ କରି ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ହୋଇ ଥିବାରୁ ସେମାନେ ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ତପସ୍ୱିନୀ ଭଟ୍ଟ,ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନ ର ବ୍ୟବସ୍ଥା କରାଇଥିଲେ।ଏହି ପର୍ଯ୍ୟାୟରେ ୧୩ ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି।

# ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଦେଲେ ୨୫୭ ପରୀକ୍ଷାର୍ଥୀ

ହିଞ୍ଜିଳିକାଟୁ,(ନିପ୍ର) : ହିଞ୍ଜିଳିକାଟୁ ପୌରାଞ୍ଚଳ ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପରୀକ୍ଷାରେ ନିର୍ଦ୍ଧାରିତ ୨୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୭ ଜଣ ଅଂଶ ଗ୍ରହଣ



କରିଥିବା ବେଳେ ୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଜତା ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ। ପର୍ଯ୍ୟବେକ୍ଷକ ଭାବେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା ଯୋଗଦେଇଥିଲେ। ପରୀକ୍ଷା ଉପ ନିୟନ୍ତ୍ରକ ଭାବେ ଶିକ୍ଷୟତ୍ରୀ ରଶ୍ମିତା ଭୋଳ ଓ ଐଶ୍ୱର୍ଯ୍ୟା ପଟ୍ଟନାୟକ କାର୍ଯ୍ୟ ନିର୍ବାହ କରିଥିଲେ। ସକାଳ ୧୦ ଟାରୁ ୧୨ ଟା ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବା ସିଆରସିସି ଅଖିଳ କୁମାର ପଣ୍ଡାଙ୍କ ସୂତ୍ରରୁ ପ୍ରକାଶ। ସାମ୍ଭାବ୍ୟ ବାତ୍ୟା ଅବର୍ଣ୍ଣ ପ୍ରଭାବରେ ବର୍ଷା ଲାଗି ରହିଥିଲେ ମଧ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହ ଥିବା ପରିଲକ୍ଷିତ ହୋଇଛି।

# ରାଜ୍ୟସ୍ତରୀୟ ରଘୁନାଥ ସେବା ସମ୍ମାନ ୨୦୨୬

ପୁରୀ(ନିପ୍ର): ସେପଟେମ୍ବର ୨୧ ବିଶ୍ୱ ଶାନ୍ତି ଦିବସ ଅବସରରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ପକ୍ଷରୁ ରାଜ୍ୟ ମୁଖ୍ୟାଳୟ ପରିସରରେ ଏକ ବିଶେଷ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାରତ ସ୍କାଉଟ ଓ ଗାଇଡର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବରେ ଉପସଭାପତି ମନୋରଞ୍ଜନ ମହାନ୍ତି ଓ ରାଜ୍ୟ ସ୍କାଉଟ ଗାଇଡ ସଚିବ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ରପୂଜ୍ୟଙ୍କୁ ଲାଗି ହେଲା ୧୦୦୮ଦୀପ



ହିଞ୍ଜିଳିକାଟୁ,(ନି.ପ୍ର): ହିଞ୍ଜିଳିକାଟୁ ବ୍ଲକ ସିକିରି ଗ୍ରାମ ବିନାୟକ ପାଠାଗାର ସାହି ସ୍ଥିତ ଅସ୍ଥାୟୀ ପୂଜାମଣ୍ଡପରେ ବିରାଜିତ ଅଗ୍ରପୂଜ୍ୟଙ୍କ ଲାଗି ସୋମବାର ସନ୍ଧ୍ୟାରେ ୧୦୦୮ଦୀପ ମହାର୍ଘ୍ୟ ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ମୁହୂର୍ତ୍ତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅଗ୍ରପୂଜ୍ୟଙ୍କ ଦିବ୍ୟ ଓ ଭବ୍ୟ ମୃଣ୍ମୟ ପ୍ରତିମାକୁ ଦର୍ଶନ ସହ ଶ୍ରଦ୍ଧା ଓ ଭକ୍ତିର ସହିତ ଭୋଗ ଓ ନୈବେଦ୍ୟ ଅର୍ପଣ କରି ଭକ୍ତ ଓ ଦର୍ଶନାର୍ଥୀ କୃପାଭିକ୍ଷା କାମନା କରିଥିଲେ। ଗ୍ରାମ ଓ ଅଞ୍ଚଳବାସୀଙ୍କ ସୁଭାଶିଷ କାମନା କରି ଅଗ୍ରପୂଜ୍ୟଙ୍କ ସୁରମ୍ୟ ପୂଜାମଣ୍ଡପ ସମ୍ମୁଖରେ ଭକ୍ତ, ଶ୍ରାଦ୍ଧକୁ ଓ ଦର୍ଶନାର୍ଥୀ ୧୦୦୮ ଦୀପ ମହାର୍ଘ୍ୟ ଲାଗି କରିଥିଲେ। ଏହି ଆୟୋଜନ ବେଳେ ପ୍ରଶାନ୍ତ ପ୍ରଧାନ, ରୋଶନ ପ୍ରଧାନ, ମିଥୁନ ପ୍ରଧାନଙ୍କ ସମେତ ଆୟୋଜକ କମିଟିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ସାମ୍ଭାବ୍ୟ ବାତ୍ୟାକୁ ନେଇ ସକ୍ରିୟ କଳାବଜାରୀ

# ଆଳୁ, ପିଆଜ ସମେତ ପନିପରିବା ଦର ବୃଦ୍ଧି

ହିଞ୍ଜିଳିକାଟୁ, (ନିପ୍ର): ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ଓଡିଶାରେ ସାମ୍ଭାବ୍ୟ ବାତ୍ୟା 'ଅବର୍ଣ୍ଣ'କୁ ନେଇ ସମଗ୍ର ଓଡିଶାବାସୀ ଆତଙ୍କିତ। ସାମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ସହରରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ପବନ ସାଙ୍ଗକୁ ଭୀଷଣ ବର୍ଷା ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ଲୋକେ ଆବଶ୍ୟକ ଠାରୁ ଅଧିକ ପରିମାଣରେ ସାମଗ୍ରୀ ବୋହି ନେବା କାରଣରୁ ଦରବୃଦ୍ଧି ଘଟିଥିବା ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ରାସନ ସାମଗ୍ରୀର ଦର ପୂର୍ବାପେକ୍ଷା ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ସାମ୍ଭାବ୍ୟ ବାତ୍ୟା 'ଅବର୍ଣ୍ଣ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବ ସିଧାସଳଖ ହିଞ୍ଜିଳିକାଟୁ ବଜାରରେ ପଡିଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳୁ ହିଞ୍ଜିଳିକାଟୁ ପରିବା ବଜାରରେ ପନିପରିବା ଦର ସମେତ ଆଳୁ ଓ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ପରିବା ହବ୍ ଭାବେ ଖ୍ୟାତି ଅର୍ଜନ କରିଥିବା ହିଞ୍ଜିଳିକାଟୁ ବ୍ଲକରେ ପରିବା ଦର ବୃଦ୍ଧି ଖାଉଟିଙ୍କୁ ବେଶ୍ ବାଧିଛି । ସ୍ଥାନୀୟ ବ୍ଲକର ବୁରୁପୋଡା, ଖଣ୍ଡରା, ଚାନ୍ଦୁଲି, ସିକିରି, ରାଳବ, ନନ୍ଦିକ, ଆଳପୁର, ଖରିଡା, ଶାସନଆମ୍ବଗାଁ ପ୍ରଭୃତି ଅଞ୍ଚଳରୁ ପ୍ରଚୁର ପରିମାଣରେ ସବୁଜ ପନିପରିବା ଆମଦାନୀ କରାଯାଇ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଜିଲ୍ଲାକୁ ରପ୍ତାନି କରାଯାଇଥାଏ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପରିବା ବ୍ୟବସାୟୀ ମାନେ ପ୍ରତ୍ୟହ ହିଞ୍ଜିଳିକାଟୁ ହୋଲସେଲ୍ ପରିବା ବଜାରକୁ ଆସି ପନିପରିବା କ୍ରୟ କରି ନେଉଛନ୍ତି । ନିକଟସ୍ଥ ଅଞ୍ଚଳର ପନିପରିବା ବ୍ୟବସାୟୀ ସମେତ କ୍ଷୁଦ୍ର ବ୍ୟବସାୟୀ ମାନେ ହିଞ୍ଜିଳିକାଟୁ ବଜାରକୁ ଆସି ପ୍ରଚୁର ପରିମାଣରେ ପନିପରିବା ସମେତ ଆଳୁ ଓ ପିଆଜ ବୋହି ନେଉଥିବା ଦେଖିବାକୁ ମିଳିଛି । ନିକଟବର୍ତ୍ତୀ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ ମାନେ ହିଞ୍ଜିଳିକାଟୁ ବଜାରକୁ ଆସି ୮/୧୦ ବସ୍ତା ଆଳୁ ଓ ୩/୪ ବସ୍ତା ପିଆଜ ଓ ବିଭିନ୍ନ ପ୍ରକାରର ସବୁଜ ପନିପରିବା ବୋହି ନେବାରେ ଲାଗିଛନ୍ତି । ମଙ୍ଗଳବାର ସକାଳ ସମୟରେ ହିଞ୍ଜିଳିକାଟୁ ସହରର ଖୁଚୁରା ବଜାରରେ ଆଳୁ କିଲୋଗ୍ରାମ ପ୍ରତି ଦର ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସନ୍ଧ୍ୟାରେ ୨୫ ଟଙ୍କା ରହିଛି । ସେହିପରି ପିଆଜ ଦର ଗତ ୨ ଦିନ ମଧ୍ୟରେ କିଲୋଗ୍ରାମ ପ୍ରତି ଦର ୧୦ ଟଙ୍କା ବୃଦ୍ଧି ପାଇଥିବା ଜଣାପଡିଛି । ପିଆଜ କିଲୋଗ୍ରାମ ପିଛା ଦର ୬୦ ରୁ ୭୦ ଟଙ୍କା ରହିଛି । ଟମାଟ ୪୦, କଟିକି ୭୦, କାଙ୍କଡ ୭୦, ଦେଶୀ କାଙ୍କଡ ୧୨୦, କଞ୍ଚାଲଙ୍କା ୧୦୦ରୁ ୧୨୦, ସାରୁ ୪୦, କଖାରୁ ୪୦, ଭେଣ୍ଡି ୪୦, ଝୁଡୁଙ୍ଗ ୬୦, ଫୁଲକୋବି ୮୦ ରୁ ୧୦୦, ବନ୍ଧାକୋବି ୪୦, ଜହ୍ନି ୫୦ ଟଙ୍କା ରହିଛି । ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଦର ସ୍ଥାନୀୟ ବଜାର ଠାରୁ କିଲୋଗ୍ରାମ ପିଛା ଦର ୫ ରୁ ୧୦ ଟଙ୍କା ବୃଦ୍ଧି ପାଇଛି । ପନିପରିବା ସମେତ ଆଳୁ ଓ ପିଆଜର ଅହେତୁକ ଦର ବୃଦ୍ଧି ଖାଉଟିଙ୍କୁ ବେଶ ବାଧୁଛି । ଆଳୁ, ପିଆଜ, ସବୁଜ ପନିପରିବା ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଘଟିଥିଲେ ମଧ୍ୟ ଯୋଗାଣ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି । ଅନ୍ୟପକ୍ଷରେ କିଛି ମୁନାଫଖୋର ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଦର୍ଶାଇ କଳାବଜାରୀ କରୁଥିବା ଅଭିଯୋଗ ହୋଇଛି । ଏ ଦିଗରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।

ତିଥି :(ଦ୍ୱାଦଶୀ): (ଉତ୍ତରାଷାଢା ମକର)
ଅମୃତ ବେଳା: ଦିବା ଘ ୬।୨୭ ମଧ୍ୟେ ଘ୭।୧୫ ଗତେ

## ଆଜିର ଅନୁଚିନ୍ତନ

ପ୍ରକୃତିଜନିତ ଗୁଣ ଦ୍ୱାରା ଅତ୍ୟନ୍ତ ମୋହିତ ଅଜ୍ଞାନୀ ମନୁଷ୍ୟ ଗୁଣ ଓ କର୍ମରେ ଆସକ୍ତ ରହନ୍ତି। ଅଳ୍ପଜ୍ଞ ତଥା ମନ୍ଦବୁଦ୍ଧିଯୁକ୍ତ ସେହି ଅଜ୍ଞାନମାନଙ୍କୁ ପୂର୍ଣ୍ଣରୂପେ ଜାଣିଥିବା ଜ୍ଞାନୀ ମନୁଷ୍ୟ ବିଚଳିତ ନ ହେବା ଉଚିତ।

।। – ଶ୍ରୀମଦ୍ ଭଗବଦ୍ ଗୀତା

## ଯୁଦ୍ଧ ଓ ମାନବୀୟ ରୋବୋଟ୍

ଚୀନର କାର୍ଯ୍ୟକଳାପ ବିଶେଷ କରି ଯୁଦ୍ଧ ସାମ୍ନା କରିବା ଲାଗି ପ୍ରଯୁକ୍ତି ବିକଶିତ କରି ଚାଲିବା କିଛି ନୂଆ କଥା ନୁହେଁ। ଉକ୍ତ ରାଷ୍ଟ୍ର ଏବେ ମାନବୀୟ ରୋବୋଟ୍ ଗୁଡ଼ିକୁ ପ୍ରଯୁକ୍ତି ଆଧାରିତ ପ୍ରଦର୍ଶନ ହେଉ କି ଶିଳ୍ପ କାର୍ଯ୍ୟରେ ସୀମିତ ରଖିବା ପାଇଁ ଆଗ୍ରହ କରୁନାହିଁ। ଏହା ପରିବର୍ତ୍ତେ ଭବିଷ୍ୟତ ପାଇଁ ଏହାର ନିଶାଣ। ରୋବୋଟ୍‌କୁ ଯୁଦ୍ଧରେ ସାମିଲ କରିବାକୁ ପ୍ରସ୍ତୁତ ହେଉଥିବା ରିପୋର୍ଟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଚୀନ୍ ସାମରିକ ଶକ୍ତି ଦ୍ରୁତ ଗତିରେ ମାନବୀୟ ରୋବୋଟ୍‌ର ସାମରିକ ବ୍ୟବହାରକୁ ବିକଶିତ କରୁଛି। ୨୦୨୫ ଏବଂ ୨୦୨୬ ରେ ବିଶେଷ ଭାବରେ ରୋବୋଟ୍‌ମାନଙ୍କର ବସ୍ତୁ ଗୁଡ଼ିକୁ ଚିହ୍ନିବା, ଧରିବା ଏବଂ ସ୍ଥାନାନ୍ତର କରିବା ଏବଂ ସାମରିକ ତାଲିମ ପାଇଁ ତଥ୍ୟ ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଛି। ଚୀନ୍ ସାମରିକ ଗବେଷଣା ଭବିଷ୍ୟତରେ ସୈନିକମାନଙ୍କ ସହିତ କାମ କରୁଥିବା ମାନବୀୟ ରୋବୋଟ୍ ଗୁଡ଼ିକୁ କଳ୍ପନା କରିବା ବିଶେଷ କରି ଆଗକୁ ଯୁଦ୍ଧର ସ୍ତର ଅଧିକ ବିଭୀଷିକାମୟ ସ୍ଥିତିରେ ପହଞ୍ଚାଇବା, ଏପରି ଆଶଙ୍କା ବଳବତ୍ତର। ଅଗଷ୍ଟ ୨୦୨୫ ରେ, ଚୀନ୍‌ର ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜିର ଗବେଷକମାନେ ଏକ ସହରାଞ୍ଚଳ ଯୁଦ୍ଧ ମଡେଲ୍ ଉପରେ ଗବେଷଣା କରିଥିଲେ ଯେଉଁଥିରେ ଛଅଟି ଯୁଦ୍ଧ ରୋବୋଟ୍‌କୁ ଦୁଇଟି ଆକ୍ରମଣ ଦଳରେ ବିଭକ୍ତ କରାଯାଇଥିଲା। ଏଥିରେ ମାନବୀୟ ରୋବୋଟ୍, ରୋବୋଟ୍ କୁକୁର ଏବଂ ମାନବହୀନ ଯାନ ଅନ୍ତର୍ଭୁକ୍ତ ଥିଲା। ଏପରି ମଡେଲ୍‌ରେ, ରୋବୋଟ୍‌ମାନେ ସୈନିକମାନଙ୍କ ସହିତ ଶତ୍ରୁ-ଅଧିକୃତ କୋଠାରେ ପ୍ରବେଶ କରିବେ। କେଉଁ ଅସ୍ତ୍ର ବ୍ୟବହାର କରିବେ କିମ୍ବା ସେମାନେ ସାଧାରଣ ନାଗରିକ ଏବଂ ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନଙ୍କ ସହିତ କିପରି ବ୍ୟବହାର କରିବେ ତାହା ସ୍ପଷ୍ଟ କରାଯାଇ ନାହିଁ। ହୋଇପାରେ ତତ୍କ୍ଷଣାତ୍ ବିନାଶର ଲୀଳା ଚଳାଇପାରନ୍ତି। ଚୀନ୍ କୌଣସି ସଶସ୍ତ୍ର ମାନବୀୟ ରୋବୋଟ୍ ନିୟୋଜିତ କରିବାର ଯଦିଓ କୌଣସି ପ୍ରମାଣ ନାହିଁ, କିନ୍ତୁ ଏହା ବିରୋଧରେ କେବେ ସମ୍ଭାବ୍ୟ ଯୁଦ୍ଧ ହେଲେ ହୁଏତ ସେତେବେଳେ ମାନବୀୟ ରୋବେଟ୍ କି ପ୍ରକାର ଯୁଦ୍ଧ ଚଳାଇବେ,ତାହାର ଚିତ୍ର ଆକଳନ କରିହେବ ନାହିଁ। ଯୁଦ୍ଧ ବିଶ୍ୱକୁ ବିଭିନ୍ନ ଭାବରେ ଛାରଖାର କରିଚାଲିବା, ତାହାର ପରିଣାମ ଲୋକେ ପରୋକ୍ଷରେ ଭୋଗି ଚାଲିବା ସବୁଠୁ ବଡ଼ ଦୁର୍ଭାଗ୍ୟଜନକ ହେବ। ଏ ବାବଦରେ ବିବେକ ହିଁ ପଥ ପ୍ରଦର୍ଶନ କରୁ।

## ଜୀବନର ଅଭିନୟ

### ଦୁଷ୍ମନ୍ତ କୁମାର ସାହୁ

ସମାଜରେ ଆମେ ବହୁ ପ୍ରକାର ମନୁଷ୍ୟଙ୍କୁ ଦେଖୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଆମ ମନ ମିଶେ ତ ଆଉ କେତେକଙ୍କ ସହିତ ଆମ ମନ ମିଶେନାହିଁ । ଆମର ଶତ୍ରୁତା ହୋଇଥାଏ ମନ ନ ମିଶୁଥିବା ଲୋକଟି ସହିତ, ହୁଏତ ସେ ଆମର ମିତ୍ରତା ଅଥବା ସମ୍ପର୍କ ଚାହିଁ ପାରୁ ନଥାଏ ! ଆଉ ଯେଉଁମାନଙ୍କ ସହିତ ମନ ଫାଟିଯାଏ, ଘୃଣା ଏବଂ ଅସୂୟା ସ୍ୱାଭାବିକ ଭାବେ ତିଆରି ହୋଇଯାଏ। ଏପରି ଜୀବନ ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେବେ ମୂଳକଥାକୁ ଟିକିଏ ଭାବନ୍ତୁ ନା ବାସ୍ତବରେ ମଣିଷ ଭିତରେ ଏପରି ଭାବନା କାହିଁକି ଆସିଥାଏ ? ମନ ମେଳ ନ ହେବା ବା ନ ମିଶିବାର କାରଣ କ'ଣ ? ଆମ୍ଭେମାନେ ଅନେକ ସମୟରେ ଦୃଢ଼ ଓ ଦମ୍ଭ ସାମର୍ଥ୍ୟ ଦେଖାଉଥାଉ ଯେ ଆମେ ଅନେକ ଅସାଧ୍ୟ ସାଧନ କରିପାରିଛୁ। କିନ୍ତୁ ଆମ୍ଭେମାନେ ମୂଳ ଲକ୍ଷ୍ୟ ଠାରୁ ଯେ ଦୂରେଇ ଯାଇ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କୁ ସଂଯମ କରିବାରେ ବିଫଳ ହୋଇଥାଉ ଏବଂ ଏହାକୁ ଲୁଚାଇବାକୁ ଚେଷ୍ଟା କରୁ। ମନଟି ଅତ୍ୟନ୍ତ ଚଗଲା, ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସିପାରିବ ଯଦିଓ ଏହା ବଡ଼ ଆୟାସସାଧ୍ୟ। (ଶ୍ରୀମଦ୍ ଭାଗବତ ଗୀତା – ୬/୩୪,୩୫)

ଶ୍ରୀସତ୍ୟସାଇ ବାବା ତାଙ୍କର ଦିବ୍ୟ ସମ୍ଭାଷଣରେ ମଣିଷର ତିନୋଟି ରୂପକଥା ବ୍ୟାଖ୍ୟା କରିଛନ୍ତି। ସେହିଭଳି ସଂସାରକୁ ଆମେ ଯେତେବେଳେ ଦେଖୁଛେ ସାଧାରଣତଃ ମଣିଷମାନେ ହେଉଛନ୍ତି ତିନି ପ୍ରକାରର ବୋଲି ଉପଲବ୍ଧି ହୁଏ। ଏହା ନିଃସନ୍ଦେହ ଯେ ମଣିଷ ସମଜାତୀୟ ମଣିଷକୁ ହିଁ ଭଲ ପାଇଥାଏ। ଦର୍ଶନଶାସ୍ତ୍ର ଅନୁସାରେ ପ୍ରଥମ ଶ୍ରେଣୀର ମଣିଷଟି ହେଉଛି ପଶୁଜୀବନଧାରୀ। କିନ୍ତୁ ଜୀବନରେ ନୀତି, ନୈତିକତା, ଆଦର୍ଶ ଶୃଙ୍ଖଳାକୁ ଭଲ ଭାବରେ ଧରିଥିବା ମଣିଷ ହେଉଛନ୍ତି ଦ୍ୱିତୀୟ ଶ୍ରେଣୀର। ଯୋଗ, ଯଜ୍ଞ, ସାଧନାର ଉଚ୍ଚସ୍ତର ସ୍ଥାନରେ ପହଞ୍ଚି ଯାଇଥିବା ମନୁଷ୍ୟମାନେ ହେଉଛନ୍ତି ତୃତୀୟ ଶ୍ରେଣୀର। ଆମେ ଉଲ୍ଲେଖ କରିଥିବା ପ୍ରଥମ ଶ୍ରେଣୀର ମଣିଷମାନେ ଯେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ତାହା ନୁହେଁ; ସେମାନେ ଆଖିଠାରା ଈଶ୍ୱର ବିଶ୍ୱାସ କରନ୍ତି। ସେମାନେ ସର୍ବଦା ନିଜର ସ୍ୱାର୍ଥ ସାଧନ ଦିଗକୁ ଦେଖିଥାନ୍ତି। ପଶୁର ସ୍ୱଭାବ ଓ ପ୍ରବୃତ୍ତି ଯେପରି ସ୍ୱାର୍ଥ ଓ ଶ୍ରେଷ୍ଠ ହୋଇଥାଏ, ସେହିପରି ଏହି ମଣିଷମାନେ ଆଚରଣ କରିଥାନ୍ତି।

ବର୍ତ୍ତମାନର ସାଧାରଣ ମଣିଷର ଜୀବନଟିକୁ ଭଲ ଭାବେ ଦେଖନ୍ତୁ। ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ପଶୁ ଜାତି ପରି କାର୍ଯ୍ୟସବୁ କରୁଛି। କେତେକ କ୍ଷେତ୍ରରେ ଦେଖାଯାଉଛି କିଛି ମଣିଷଙ୍କ କାର୍ଯ୍ୟ ବଣୁଆ ହାତୀ ପରି ଖାଇପିଇ, ଧସ୍ତାଧସ୍ତି ହୋଇ, ଦୌଡ଼ ଧପଡ଼ କରି ଆରଣ୍ୟକ ଜୀବନ ଯାପନ ସମ୍ପାଦନ କରୁଛି। କିନ୍ତୁ ସେ ପଶୁରାଜ ସିଂହ ସଦୃଶ ନିର୍ଭୟ ଓ ଅପରାଜେୟ ପ୍ରଭୁ ପରି ନିଜର ଯଶ ପ୍ରଚାର କରି ପାରୁନାହିଁ। ଅପରପକ୍ଷରେ ସେ ଆତ୍ମବଳରେ ବଳୀୟାନ୍ ହୋଇ ଭୟଶୂନ୍ୟ ଭାବରେ ବିହାର କରିବା ଉଚିତ।

ଈଶ୍ୱରଙ୍କ ସେବା ଓ ପୂଜାକୁ ପଛରେ ପକାଇ ସଂସାରର ବିଷୟ ଭୋଗରେ ମାତି ଯାଆନ୍ତି ଏମାନେ। ପଶୁଜୀବନଧାରୀ ମନୁଷ୍ୟମାନଙ୍କର ଶେଷ ଗତି ହେଉଛି ନର୍କ । ଏମାନେ ଜୀବନର ଅନ୍ତଃକାଳରେ ନର୍କଯନ୍ତ୍ରଣା ହିଁ ଭୋଗିଥାଆନ୍ତି । ଏହି ପଶୁ ଜୀବନ ଜିଉଁଥିବା ମଣିଷ କେବଳ ଅର୍ଥ ଏବଂ ସ୍ୱାର୍ଥ ପଛରେ ହିଁ ଦୌଡ଼ିଥାଏ। ସେ ଯେତେବେଳେ ବୟସର ସନ୍ଧ୍ୟାକାଳରେ ପହଞ୍ଚିଯାଏ ତା'ର ଜୀବନଟି ହୋଇଯାଏ ଏକାନ୍ତ। କାହାରି ସାହଚର୍ଯ୍ୟ ବା ସହାୟତା ଏବଂ ସ୍ନେହ ଆଦୌ ମିଳିନଥାଏ ତାକୁ। କିନ୍ତୁ ଦ୍ୱିତୀୟ ପ୍ରକାରର ନୈତିକ ମାନବୀୟ ମୂଲ୍ୟବୋଧକୁ ଜୀବନର ଧର୍ମ ଓ କର୍ମଭାବରେ ଗ୍ରହଣ କରିଥାନ୍ତି ଯେଉଁମାନେ, ସେମାନେ ଈଶ୍ୱର ଭାବସମ୍ପନ୍ନ। ନୈତିକ ଚିନ୍ତନ ସହ ଜନମଙ୍ଗଳ କାର୍ଯ୍ୟ ପାଇଁ ସେମାନଙ୍କର ସବୁବେଳେ ସଯତ୍ନ ଓ ଦାୟିତ୍ୱ ରହିଥାଏ। ସେମାନେ ନିଜେ ସର୍ବନିମ୍ନ ସୁଖରେ ରହି ଅନ୍ୟମାନଙ୍କୁ ନିଜ ସୁଖରେ ସାମିଲ କରିଥାନ୍ତି। ଏହି ନୀତି ନୈତିକତାର ମନୁଷ୍ୟ ସମାଜର ସର୍ବାଙ୍ଗୀନ ମଙ୍ଗଳ ଇଚ୍ଛା କରିଥାଏ। ସଂସାରରୁ ସୁଖ ଖୋଜିବା, ଏହି ସୁଖକୁ ପୁଣି ଈଶ୍ୱରଙ୍କ ଦ୍ୱାରା ପ୍ରାପ୍ତ ହେଉଛି ବୋଲି ଜାଣିବା ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଷୟରୁ ସୁଖ ସଂଗ୍ରହକରିବା ଉଦ୍ଦେଶ୍ୟରେ ଏହି ଲୋକମାନେ ପୂଜାର୍ଚ୍ଚନା କରିଥାଆନ୍ତି । ଅନ୍ତିମ ସମୟରେ ଏମାନଙ୍କୁ ସ୍ୱର୍ଗସୁଖ ପ୍ରାପ୍ତି ହୁଏ । ପୁଣ୍ୟ ଶେଷ ହେଲେ ପୁନର୍ବାର ଫେରିଆସନ୍ତି ମାତୃଗର୍ଭକୁ ।

କିନ୍ତୁ ତୃତୀୟ ଶ୍ରେଣୀର ମନୁଷ୍ୟ ଜୀବନ ସର୍ବୋତ୍କୃଷ୍ଟ। ସେମାନେ ଏକ ପ୍ରକାର ସଂସାରରେ ଥାଇ ମଧ୍ୟ ଯୋଗୀ ଜୀବନ ନିର୍ବାହ କରିଥାନ୍ତି। ପ୍ରଚଣ୍ଡ ଈଶ୍ୱର ବିଶ୍ୱାସ, ଧର୍ମଶାସ୍ତ୍ର ଅନୁଗାମୀ, ଆସନ ପ୍ରାଣାୟମ, ଯୋଗ ସାଧନା ଦ୍ୱାରା କାମନାକୁ ସୀମାଙ୍କନ କରି ସେମାନେ ଇନ୍ଦ୍ରିୟମାନଙ୍କୁ ଦମନ କରିପାରିଥାନ୍ତି। ସେମାନେ ନାଁ ସୁଖରେ ନାଁ ଦୁଃଖରେ, କାତର ଅବା ଅଧୀର ଆଦୌ ହୁଅନ୍ତି ନାହିଁ। ସେମାନଙ୍କର ପ୍ରତିଟି ଚିନ୍ତନ ହେଉଛି ନିଜର ଇଷ୍ଟଦେବ ବା ପରମ ପୁରୁଷଙ୍କ ପାଦପଦ୍ମ ପ୍ରାପ୍ତି। ଏହିଭଳି ଆଧ୍ୟାତ୍ମିକ ଜଗତର ସର୍ବଶ୍ରେଷ୍ଠ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତିମାନଙ୍କୁ ସମସ୍ତେ 'ମହାମାନବ', 'ମହାପୁରୁଷ' ଭାବେ ପୂଜିତ ଓ ଅଭିହିତ କରିଥାନ୍ତି।

ଏମାନେ ଆଜ୍ଞା ଚକ୍ରରେ ମନ-ପବନ ଓ ଚିତ୍ତକୁ ସ୍ଥିରକରି ସ୍ଥିତପ୍ରଜ୍ଞ ହୋଇଯାଆନ୍ତି । ସ୍ଥୁଳତଃ ଏମାନେ ପ୍ରତ୍ୟକ୍ଷରେ ଜଗତର କଲ୍ୟାଣ କଳାପରି ଜଣା ନଗଲେ ମଧ୍ୟ ଏହି ଯୋଗଜୀବନଧାରୀ ମନୁଷ୍ୟମାନଙ୍କର ଦୈବୀ ପ୍ରଭାବ ସୂକ୍ଷ୍ମ ଭାବରେ ପରୋକ୍ଷରେ ପଡ଼ିଥାଏ। ଜୀବନକୁ ଆନନ୍ଦମୟ, ଅନ୍ୟମାନଙ୍କ ପାଇଁ ପ୍ରେରଣୀୟ ଓ ପୂଜ୍ୟ ହୋଇଥିବା ଏହି ବର୍ଗର ଯୋଗୀ ଜୀବନଧାରୀମାନେ ପରମାତ୍ମାଙ୍କ ସହିତ ବିଲୀନ ହୋଇଯାଆନ୍ତି। ଦେହ ବନ୍ଧନରୁ ସେମାନେ ମୁକ୍ତ ହୋଇଥାଆନ୍ତି। ସେମାନଙ୍କର ପୁନର୍ଜନ୍ମ ଯାହା ଜନ୍ମମୃତ୍ୟୁର ଚକ୍ର ଭାବେ ବୁଝାଇଥାଏ ତାହା ସେମାନଙ୍କୁ ଭୋଗ କରିବାକୁ ପଡ଼ିନଥାଏ। ସେମାନେ ଅମୃତ ପୁରୁଷ ହୋଇଯାଆନ୍ତି ଯୁଗ ଯୁଗ ପାଇଁ।

ପୁରୀ

## ପ୍ରକୃତ ସଙ୍କଟ ଯୁଦ୍ଧ ନୁହେଁ; ପ୍ରକୃତ ସଙ୍କଟ ଅର୍ଥନୈତିକ !

### ଅସିତ ମହାନ୍ତି

**ୟୁରୋପର ଲୋକମାନେ ଦ୍ୱନ୍ଦ୍ୱରେ ଏବଂ ଅସୁରକ୍ଷିତ ଅନୁଭବ କରନ୍ତି। ସେମାନେ ବୁଝିପାରୁ ନାହାଁନ୍ତି ଯେ ପ୍ରକୃତ ସଙ୍କଟ ଆର୍ଥିକ, ସାମରିକ ନୁହେଁ। ଯୁଦ୍ଧର ଭୟ କେବଳ ଏକ ପରଦା, ଯାହା ପୁଞ୍ଜିବାଦୀ ବ୍ୟବସ୍ଥାର ବିଫଳତାକୁ ଲୁଚାଇଥାଏ। ଏହି କାରଣରୁ ଆଜି ୟୁରୋପୀୟ ବଜାରଗୁଡ଼ିକ ଅରାଜକତାରେ ଅଛି, ଲୋକମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗଚ୍ଛିତ କରୁଛନ୍ତି, ଏବଂ ସରକାରଗୁଡ଼ିକ ଏହି ଭୟକୁ ନିରନ୍ତର ପ୍ରୋତ୍ସାହିତ କରୁଛନ୍ତି।**

ଆଜିର ବିଶ୍ୱରେ ଏକ ଅଜବ ପରିବେଶ ସୃଷ୍ଟି ହେଉଛି – ସବୁଠି ଏହା ପ୍ରଚାର କରାଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଦ୍ୱାରଦେଶରେ ପହଞ୍ଚିଛି। ଏହି ଭୟ, ଏହି ଅନୁଭବ, ପ୍ରକୃତରେ ଏକ ସୁଚିନ୍ତିତ ଭ୍ରମ। ବାସ୍ତବତା ହେଉଛି ପୁଞ୍ଜିବାଦୀ ବ୍ୟବସ୍ଥା ଏକ ଗଭୀର ଆର୍ଥିକ ସଙ୍କଟରେ ଫସି ରହିଛି। ଯେତେବେଳେ ଅର୍ଥନୀତି ଭୁଶୁଡ଼ି ପଡ଼େ, ଯେତେବେଳେ ମୁଦ୍ରାସ୍ଫୀତି ଏବଂ ବେକାରୀ ଜନସାଧାରଣଙ୍କୁ ଆକ୍ରାନ୍ତ କରେ, ଶାସକ ବର୍ଗଙ୍କୁ ଭୟର ଏକ ନୂତନ ରୂପ ସୃଷ୍ଟି କରିବାକୁ ପଡ଼ିଥାଏ। ଏହି କାରଣରୁ ଯୁଦ୍ଧର ଆଶଙ୍କା ଉଠାଯାଉଛି, ଯାହା ଦ୍ୱାରା ଲୋକମାନେ ପ୍ରକୃତ ସଙ୍କଟ – ଅର୍ଥନୈତିକ ସଙ୍କଟରୁ ସେମାନଙ୍କର ଧ୍ୟାନ ହଟାଇ ଭୟ ଏବଂ ଅସୁରକ୍ଷାରେ ଫସି ରହିପାରିବେ।

ୟୁରୋପରେ ସାମ୍ପ୍ରତିକ ଭାବରେ, ସରକାରମାନେ ନାଗରିକମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପୂର୍ବରୁ ଗଚ୍ଛିତ କରିବାକୁ ପରାମର୍ଶ ଦେଇଛନ୍ତି, ଏହା କେବଳ ଯୁଦ୍ଧର ଭୟର ପରିଣାମ ନୁହେଁ ବରଂ ଏକ ଗଭୀର ଆର୍ଥିକ ଏବଂ ରାଜନୈତିକ ସଙ୍କଟର ପ୍ରତିଫଳନ। ଜର୍ମାନୀ, ବ୍ରିଟେନ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକରେ, ବଜାରଗୁଡ଼ିକ ହଠାତ୍ ଭିଡ଼ ହୋଇଗଲା, ଏବଂ ଲୋକମାନେ ପାଣି ବୋତଲ, ଶସ୍ୟ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଗଚ୍ଛିତ କରିବା ଆରମ୍ଭ କଲେ। ଦୋକାନଗୁଡ଼ିକରୁ ସାମଗ୍ରୀଗୁଡ଼ିକ ଅଦୃଶ୍ୟ ହେବାକୁ ଲାଗିଲା, ଏବଂ ଏହି ପରିବେଶ ଅସୁରକ୍ଷାର ଭାବନା ସୃଷ୍ଟି କଲା।

ଲଣ୍ଡନରେ ଏହି ପରିସ୍ଥିତି ବିଶେଷ ଭାବରେ ତୀବ୍ର ଥିଲା କାରଣ ୟୁକ୍ରେନ ଦ୍ୱାରା ବର୍ତ୍ତମାନ ରୁଷ ବିପକ୍ଷରେ ବ୍ୟବହାର କରାଯାଇଥିବା ଡ୍ରୋନଗୁଡ଼ିକ ଇଂଲଣ୍ଡରେ ନିର୍ମିତ ଏବଂ ସେହି କାରଣରୁ ରୁଷ ଇଂଲଣ୍ଡକୁ ଚେତାବନୀ ଦେଇଛି । ଏହା ବ୍ରିଟିଶ ଜନସାଧାରଣଙ୍କ ମଧ୍ୟରେ ଏହି ଭୟକୁ ଆହୁରି ଘନୀଭୂତ କରିଥିଲା ଯେ ସେମାନଙ୍କ ଦେଶ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଯୁଦ୍ଧର ନିଆଁରେ ଟଣାଯାଉଛି। ସରକାର ଏହି ଭୟକୁ ଆହୁରି ପ୍ରଜ୍ୱଳିତ କରିଥିଲା, ଫଳରେ ଲୋକମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗଚ୍ଛିତ କରିବାକୁ ବାଧ୍ୟ ହୋଇଥିଲେ। ଜର୍ମାନୀରେ ସମାନ ପରିସ୍ଥିତି ଦେଖାଦେଇଥିଲା। ସରକାର ନାଗରିକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବାକୁ ଚେତାବନୀ ଦେଇଥିଲେ। ଏହି ଚେତାବନୀ କେବଳ ଯୁଦ୍ଧର ସମ୍ଭାବନା ସହିତ ଜଡିତ ନୁହେଁ, ବରଂ ଶକ୍ତି ସଙ୍କଟ, ମୁଦ୍ରାସ୍ଫୀତି ଏବଂ ଆର୍ଥିକ ଅସ୍ଥିରତା ସହିତ ମଧ୍ୟ ଜଡିତ ଥିଲା। ଅନ୍ୟ ୟୁରୋପୀୟ ଦେଶଗୁଡ଼ିକରେ ସମାନ ଘୋଷଣା କରାଯାଇଥିଲା, ଯାହା ସାଧାରଣ ଲୋକଙ୍କ ଧାରଣା ସୃଷ୍ଟି କରିଥିଲା ଯେ ଏକ ବଡ଼ ସଙ୍କଟ ଆସନ୍ନ।

ବାସ୍ତବତା ହେଉଛି ଏହି ବାତାବରଣ ପୁଞ୍ଜିବାଦୀ ବ୍ୟବସ୍ଥାର ବିଫଳତାକୁ ଲୁଚାଇବା ପାଇଁ ଏକ ପ୍ରୟାସ। ଯେତେବେଳେ ଆର୍ଥିକ ସଙ୍କଟ ଗଭୀର ହୁଏ, ଯେତେବେଳେ ମୁଦ୍ରାସ୍ଫୀତି ଏବଂ ବେକାରୀ ଜନସାଧାରଣଙ୍କୁ କବଳିତ କରେ, ସରକାରମାନେ ଭୟର ବାତାବରଣ ସୃଷ୍ଟି କରନ୍ତି। ଯୁଦ୍ଧକୁ ଡାକି ଏବଂ ଜରୁରୀକାଳୀନ ପ୍ରସ୍ତୁତିର ଉଦାହରଣ ଦେଇ, ସେମାନେ ଜନସାଧାରଣଙ୍କୁ ପ୍ରକୃତ ସମସ୍ୟାରୁ ବିଚ୍ୟୁତ କରନ୍ତି।

ଏହି ସମ୍ପୂର୍ଣ୍ଣ ପରିସ୍ଥିତିରେ, ୟୁରୋପର ଲୋକମାନେ ଦ୍ୱନ୍ଦ୍ୱରେ ଏବଂ ଅସୁରକ୍ଷିତ ଅନୁଭବ କରନ୍ତି। ସେମାନେ ବୁଝିପାରୁ ନାହାଁନ୍ତି ଯେ ପ୍ରକୃତ ସଙ୍କଟ ଆର୍ଥିକ, ସାମରିକ ନୁହେଁ। ଯୁଦ୍ଧର ଭୟ କେବଳ ଏକ ପରଦା, ଯାହା ପୁଞ୍ଜିବାଦୀ ବ୍ୟବସ୍ଥାର ବିଫଳତାକୁ ଲୁଚାଇଥାଏ। ଏହି କାରଣରୁ ଆଜି ୟୁରୋପୀୟ ବଜାରଗୁଡ଼ିକ ଅରାଜକତାରେ ଅଛି, ଲୋକମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗଚ୍ଛିତ କରୁଛନ୍ତି, ଏବଂ ସରକାରଗୁଡ଼ିକ ଏହି ଭୟକୁ ନିରନ୍ତର ପ୍ରୋତ୍ସାହିତ କରୁଛନ୍ତି। ତେଣୁ, ଲଣ୍ଡନରୁ ଜର୍ମାନୀ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ, ଜନସାଧାରଣଙ୍କୁ ପ୍ରକୃତ ଆର୍ଥିକ ସଙ୍କଟରୁ ବିଚ୍ୟୁତ କରିବା ପାଇଁ ଯୁଦ୍ଧର ଭ୍ରମ ପ୍ରସାରିତ ହେଉଛି। ପ୍ରକୃତ ଯୁଦ୍ଧ କ୍ଷେପଣାସ୍ତ୍ର ବିଷୟରେ ନୁହେଁ, ବରଂ ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଏବଂ ଆର୍ଥିକ ଅସ୍ଥିରତା ବିଷୟରେ।



ଯୁଦ୍ଧର ବାସ୍ତବତା ଏବଂ ଏହାର ବୋଝ – ସମସ୍ତ ବିକଶିତ ଦେଶ ଜାଣନ୍ତି ଯେ ଯୁଦ୍ଧ କେତେ ମହଙ୍ଗା। ଯୁଦ୍ଧ କେବଳ କ୍ଷେପଣାସ୍ତ୍ର ଏବଂ ବୋମାର ଖେଳ ନୁହେଁ; ଏହା ପ୍ରତ୍ୟେକ ଦେଶର ଅର୍ଥନୀତିକୁ ଧ୍ୱଂସ କରେ। ସୈନିକଙ୍କ ମୃତ୍ୟୁ, ସାଧାରଣ ନାଗରିକଙ୍କ ବିସ୍ଥାପନ, ଶିଳ୍ପର ବିନାଶ ଏବଂ ପ୍ରାକୃତିକ ସମ୍ପଦର ଅପଚୟ – ଏହି ବୋଝ ଯେକୌଣସି ଦେଶ ପାଇଁ ଅସହ୍ୟ। ଏହି କାରଣରୁ କୌଣସି ଦେଶ ବିଶ୍ୱଯୁଦ୍ଧରେ ପ୍ରବେଶ କରିବାକୁ ପ୍ରକୃତରେ ପ୍ରସ୍ତୁତ ନୁହେଁ। ଋଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବର୍ଷ ବର୍ଷ ଧରି ଚାଲିଛି, କିନ୍ତୁ ଏହା ଏକ ସୀମିତ ଭୂରାଜନୈତିକ ସଂଘର୍ଷ। ଆମେରିକା ଏବଂ ଇରାନ ମଧ୍ୟରେ ଜାରି ଉତ୍ତେଜନା ରହିଛି, କିନ୍ତୁ ତାହା ମଧ୍ୟ ଏକ ଦୀର୍ଘକାଳୀନ ସଂଘର୍ଷର ଏକ ରୂପ, ଏକ ବିଶ୍ୱ ଯୁଦ୍ଧ ନୁହେଁ। ଯଦି ତୃତୀୟ ବିଶ୍ୱଯୁଦ୍ଧ ପ୍ରକୃତରେ ଘଟେ, ତେବେ ତିନି ମହାଶକ୍ତି – ଆମେରିକା, ଚୀନ୍ ଏବଂ ରୁଷ – ଏକକାଳୀନ ଗୋଟିଏ ଦେଶ ଉପରେ ଆକ୍ରମଣ କରିବେ। କିନ୍ତୁ ଏପରି ପରିବେଶ କେଉଁଠି ଦେଖାଯାଉନାହିଁ।

ପ୍ରକୃତ ଯୁଦ୍ଧ: ଅର୍ଥନୈତିକ ସଙ୍କଟ – ଆଜିର ପ୍ରକୃତ ଯୁଦ୍ଧ ହେଉଛି ଅର୍ଥନୈତିକ। ଏହି ଯୁଦ୍ଧ ଶୁଳ୍କ, ପ୍ରତିବନ୍ଧକ ଏବଂ ଅର୍ଥନୈତିକ ଅବରୋଧ ମାଧ୍ୟମରେ ଲଢ଼ାଯାଉଛି। କ୍ଷେପଣାସ୍ତ୍ର ଏବଂ ବୋମା ବଦଳରେ ଏବେ ଅର୍ଥନୈତିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଛି। ସୋଭିଏତ୍ ୟୁନିଅନ୍ ପତନ ପରେ, ପୁଞ୍ଜିବାଦୀ ବ୍ୟବସ୍ଥା ଦାବି କରିଥିଲା ଯେ ସାରା ବିଶ୍ୱରେ ଶାନ୍ତି ଏବଂ ଅର୍ଥନୈତିକ ସ୍ଥିରତା ବଜାୟ ରହିବ। କିନ୍ତୁ ସେହି ସ୍ୱପ୍ନ ଏବେ ଭାଙ୍ଗି ଯାଇଛି। ସାଧାରଣ ଲୋକଙ୍କୁ ସାହାଯ୍ୟ ଦେବା ପରିବର୍ତ୍ତେ, ପୁଞ୍ଜିବାଦୀ ଦେଶଗୁଡ଼ିକର ନୀତି ସେମାନଙ୍କୁ ଆହୁରି ଦୁର୍ଦ୍ଦଶା ଭିତରକୁ ଠେଲି ଦେଉଛି। ୟୁରୋପରେ, ଲୋକଙ୍କୁ ଭୟଭୀତ କରାଯାଉଛି ଯେ ଯୁଦ୍ଧ ହୋଇପାରେ, ତେଣୁ ସେମାନେ ପୂର୍ବରୁ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଜିନିଷପତ୍ର ମହଜୁଦ ରଖିବା ଉଚିତ। ଏହି କାରଣରୁ ଦୋକାନରୁ ପାଣି ବୋତଲ ମଧ୍ୟ ଗାଏବ ହେଉଛି। ଏହା ଭୟର ଏକ ବଜାର, ଯାହା ଜାଣିଶୁଣି ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ସୃଷ୍ଟି କରାଯାଇଛି।

ଭାରତୀୟ ଉଦାହରଣ – ଭାରତ ଏହି ସଙ୍କଟର ସବୁଠାରୁ ଜ୍ୱଳନ୍ତ ଉଦାହରଣ। ଏଠାରେ ମୁଦ୍ରାସ୍ଫୀତି ନିରନ୍ତର ବୃଦ୍ଧି ପାଉଛି, ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆକାଶଛୁଆଁ ହେଉଛି, ଏବଂ ଏହା ସହିତ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ସାଧାରଣ ଲୋକଙ୍କ ପାଇଁ ଜୀବନ କ୍ରମଶଃ କଷ୍ଟକର ହେବାରେ ଲାଗିଛି। କିନ୍ତୁ ଏହି ସଙ୍କଟକୁ ସମାଧାନ କରିବା ପରିବର୍ତ୍ତେ, ସରକାରଗୁଡ଼ିକ ନିର୍ବାଚନୀ ପ୍ରତିଶ୍ରୁତି ଏବଂ ରାଜନୈତିକ ଲାଭ ପାଇଁ ଟଙ୍କା ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। ଭାରତର ପରିସ୍ଥିତି ଦର୍ଶାଉଛି ଯେ ପ୍ରକୃତ ଯୁଦ୍ଧ ଲୋକଙ୍କ ଜୀବନରେ – ମୁଦ୍ରାସ୍ଫୀତି, ବେକାରୀ ଏବଂ ଆର୍ଥିକ ଅସମାନତାର ଯୁଦ୍ଧ। ଏହି ଯୁଦ୍ଧ ବହୁତ ବିପଦପୂର୍ଣ୍ଣ କାରଣ ଏହା ପ୍ରତ୍ୟେକ ଘରକୁ ପ୍ରଭାବିତ କରେ। ପୁଞ୍ଜିବାଦର ଭ୍ରମ ଏବଂ ଲୋକଙ୍କ ସତ୍ୟ – ପୁଞ୍ଜିବାଦୀ ବ୍ୟବସ୍ଥାର ସବୁଠାରୁ ବଡ଼ ଅସ୍ତ୍ର ହେଉଛି ଭ୍ରମ। ଯେତେବେଳେ ଲୋକମାନେ ପ୍ରକୃତ ସଙ୍କଟକୁ ଅନୁଭବ କରିବା ଆରମ୍ଭ କରନ୍ତି, ଯେତେବେଳେ ବିପ୍ଳବର ପରିବେଶ ବିକଶିତ ହେବା ଆରମ୍ଭ ହୁଏ, ଶାସକ ବର୍ଗ ଯୁଦ୍ଧର ଭୟ ବିସ୍ତାର କରନ୍ତି। ଏହି କାରଣରୁ ଆଜି ତୃତୀୟ ବିଶ୍ୱଯୁଦ୍ଧର ଗୁଜବ ପ୍ରଚାର କରାଯାଉଛି। କିନ୍ତୁ ବାସ୍ତବତା ହେଉଛି ପ୍ରକୃତ ଯୁଦ୍ଧକ୍ଷେତ୍ର ହେଉଛି ଅର୍ଥନୀତି। ପୁଞ୍ଜିବାଦୀ ଦେଶଗୁଡ଼ିକର ଲକ୍ଷ୍ୟ ହେଉଛି ଜନସାଧାରଣଙ୍କୁ ଭୟଭୀତ ରଖିବା ଯାହା ଦ୍ୱାରା ସେମାନେ ପ୍ରଶ୍ନ ପଚାରନ୍ତି ନାହିଁ। ତେଣୁ ସେମାନେ ଜାଣି ନାହାଁନ୍ତି ଯେ ପ୍ରକୃତ ସଙ୍କଟ ସେମାନଙ୍କ ପକେଟରେ ସେମାନଙ୍କ ଦୈନନ୍ଦିନ ଜୀବନରେ ଅଛି।

ତୃତୀୟ ବିଶ୍ୱଯୁଦ୍ଧ ବର୍ତ୍ତମାନ ଘଟୁଛି ନାହିଁ। ପ୍ରକୃତ ଯୁଦ୍ଧ ହେଉଛି ଅର୍ଥନୈତିକ, ଯାହା ପ୍ରତ୍ୟେକ ଦେଶର ଲୋକମାନେ ଲଢୁଛନ୍ତି। ପୁଞ୍ଜିବାଦୀ ବ୍ୟବସ୍ଥା ଯୁଦ୍ଧର ଭ୍ରମ ବିସ୍ତାର କରି ଜନସାଧାରଣଙ୍କୁ ପ୍ରକୃତ ସଙ୍କଟରୁ ବିଚ୍ୟୁତ କରିବାକୁ ଚେଷ୍ଟା କରିଛି। କିନ୍ତୁ ସତ୍ୟ ହେଉଛି ଯେ ବିଶ୍ୱ କ୍ଷେପଣାସ୍ତ୍ର ଏବଂ ବୋମା ସହିତ ନୁହେଁ, ବରଂ ମୁଦ୍ରାସ୍ଫୀତି, ପ୍ରତିବନ୍ଧକ ଏବଂ ଆର୍ଥିକ ନୀତି ସହିତ ସଂଘର୍ଷ କରୁଛି। ଭାରତ ଭଳି ଦେଶରେ ଏହି ସଙ୍କଟ ଆହୁରି ତୀବ୍ର, ଯେଉଁଠାରେ ସାଧାରଣ ଲୋକଙ୍କ ଜୀବନ କ୍ରମଶଃ କଷ୍ଟକର ହେବାରେ ଲାଗିଛି। ଏହା ହେଉଛି ପ୍ରକୃତ ଯୁଦ୍ଧ – ଅର୍ଥନୈତିକ ଯୁଦ୍ଧ। ଏବଂ ଯେପର୍ଯ୍ୟନ୍ତ ଜନସାଧାରଣ ଏହି ସତ୍ୟକୁ ବୁଝି ନାହାଁନ୍ତି, ସେପର୍ଯ୍ୟନ୍ତ ପୁଞ୍ଜିବାଦୀ ବ୍ୟବସ୍ଥା ଯୁଦ୍ଧର ଭୂତ ଉଠାଇ ସେମାନଙ୍କୁ ଭ୍ରମିତ କରି ଚାଲିବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ବଡ଼ ସଫଳ

### ଦୁର୍ଗା ଚରଣ ସ୍ୱାଇଁ

**ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୟୁଏଇ ସହିତ ଏହି ଯୋଗାଯୋଗ କେବଳ ବ୍ୟକ୍ତିଗତ ନିବେଶ ମଧ୍ୟରେ ସୀମିତ ନୁହେଁ, ବରଂ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନି, ନବସୃଜନ, ଦକ୍ଷତା ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ସ୍ଥାୟୀ ସହଭାଗିତା ଗଠନ କରିବା ଏହାର ଲକ୍ଷ୍ୟ। ସେ ୟୁଏଇ ବ୍ୟବସାୟୀମାନଙ୍କୁ ଭାରତରେ ସେମାନଙ୍କର ପରବର୍ତ୍ତୀ ଅଭିବୃଦ୍ଧି ପାଇଁ ଓଡ଼ିଶାକୁ ଏକ ପସନ୍ଦର ଗନ୍ତବ୍ୟ ସ୍ଥଳ କରିବାକୁ ଆମନ୍ତ୍ରଣ କରିଥିଲେ।**

୨.୪୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ; ୬.୧୮ ଲକ୍ଷ ନିଯୁକ୍ତି ସୁଯୋଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସଂଯୁକ୍ତ ଆରବ ଏମିରେଟ୍ସ ରେ ହୋଇଥିବା ତିନି ଦିନିଆ ନିବେଶ ଅଭିଯାନରୁ ୨,୪୩,୧୬୨ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ଏବଂ ୬.୧୮ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସହିତ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ବଡ଼ ପ୍ରୋତ୍ସାହନ ମିଳିଛି।

ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆବୁଧାବି ଏବଂ ଦୁବାଇ ଗସ୍ତ କରିଥିଲେ, ଯେଉଁଠାରେ ସେମାନେ ୪୬ଟି ଓ୍ୱାନ୍-ଟୁ-ଓ୍ୱାନ (ସିଧାସଳଖ) ବିନିଯୋଗକାରୀ ବୈଠକ ଏବଂ ୬ଟି ଗୋଲଟେବୁଲ୍ ଆଲୋଚନାରେ ଭାଗ ନେଇଥିଲେ। ଏହି ଗସ୍ତରୁ ୨୪ଟି ବୁଝାମଣାପତ୍ର ଏବଂ ନିବେଶ ପ୍ରସ୍ତାବ ମିଳିଛି, ଯାହା ଓଡ଼ିଶାରେ ଗଭୀର ବିଭିନ୍ନ ବ୍ୟବସାୟଗୁଡ଼ିକର ପ୍ରବଳ ଆଗ୍ରହକୁ ପ୍ରତିଫଳିତ କରୁଛି।

ଗସ୍ତର ଶେଷ ଦିନରେ ଦୁବାଇରେ 'ଓଡ଼ିଶା ଇନଭେଷ୍ଟସ ମିଟ୍-ୟୁଏଇ ୨୦୨୬' ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରାୟ ୪୦୦ ବ୍ୟବସାୟିକ ନେତୃତ୍ୱ, ନିବେଶକ ଏବଂ ସଦସ୍ୟ ଯୋଗ ଦେଇଥିଲେ। ସେହିଦିନ ହୋଇଥିବା ନିବେଶ ପ୍ରସ୍ତାବଗୁଡ଼ିକରେ ଯାତ୍ରା




ଓ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ନିବେଶ, ଏଲ୍ଏନ୍ଜି ସଂରକ୍ଷଣ, ସବୁଜ ଶକ୍ତି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡାଟା ସେଣ୍ଟର, ବିରଳ ମୃତ୍ତିକା , ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ କେମିକାଲ, ଗୃହ ନିର୍ମାଣ, ଇସ୍ପାତ ଏବଂ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଆଦି ଅନ୍ତର୍ଭୁକ୍ତ ଥିଲା।

ପ୍ରମୁଖ ଚୁକ୍ତିନାମାଗୁଡ଼ିକ ମଧ୍ୟରେ, ଏଜେଡ୍‌ବିଏଏ ପ୍ରୋଜେକ୍ଟ ଭେଞ୍ଚର୍ସ ଏଲ୍ଏନ୍ଜି ସଂରକ୍ଷଣ ପାଇଁ ଏକ ଏମ୍ଓୟୁ ସ୍ୱାକ୍ଷର କରିଛି। ରାଣା ହୋଲ୍ଡିଂସ ଲିମିଟେଡ୍ ସବୁଜ ଶକ୍ତି, ଡାଟା ସେଣ୍ଟର ଏବଂ ବିରଳ ମୃତ୍ତିକାକୁ ନେଇ ଏକ ଏମ୍ଓୟୁ ସ୍ୱାକ୍ଷର କରିଛି, ଯାହା ରାଜ୍ୟକୁ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ପ୍ରବେଶ କରିବାକୁ ସୁଯୋଗ ଦେବ। ସେହିପରି ଶରାଫ୍ ଗ୍ରୁପ୍ ଗୃହ ନିର୍ମାଣ ପାଇଁ ଏକ ଚୁକ୍ତି କରିଥିବା ବେଳେ ଟିସିଏଲ୍ ଇନ୍‌ଫ୍ରାଷ୍ଟ୍ରକଚର ଇସ୍ପାତ ଏବଂ ଇସ୍ପାତ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି।

ଜାହାଜ ମରାମତି ପାଇଁ ଡାଲଓ୍ୱନ ମେରାଇନ୍ ଏବଂ ଟର୍ବୋ ପାଓ୍ୱାର ଇଞ୍ଜିନିୟରିଂ, ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ ଆୟନ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏବଂ ସାର ଓ କେମିକାଲ୍ ପାଇଁ ଆଗ୍ରିଫିଲ୍ସ୍ ଠାରୁ ମଧ୍ୟ ନିବେଶ ପ୍ରସ୍ତାବ ମିଳିଛି।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ମୂଲ୍ୟ ସଂଯୋଜନ, ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସହଭାଗିତା ଏବଂ ଦକ୍ଷ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଧାରିତ ଶିଳ୍ପ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟକୁ ଯିବା ପାଇଁ ପ୍ରସ୍ତୁତ ଅଛି। ସେ ରାଜ୍ୟର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି ଉପଲବ୍ଧତା, ରଣନୀତିକ ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ କାର୍ଯ୍ୟବଳ ଏବଂ ପ୍ରତିଷ୍ଠିତ ଶିଳ୍ପ ବ୍ୟବସ୍ଥାକୁ ନିବେଶକମାନଙ୍କ ପାଇଁ ପ୍ରମୁଖ ସୁବିଧା ଭାବରେ ଦର୍ଶାଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୟୁଏଇ ସହିତ ଏହି ଯୋଗାଯୋଗ କେବଳ ବ୍ୟକ୍ତିଗତ ନିବେଶ ମଧ୍ୟରେ ସୀମିତ ନୁହେଁ, ବରଂ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନି, ନବସୃଜନ, ଦକ୍ଷତା ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ସ୍ଥାୟୀ ସହଭାଗିତା ଗଠନ କରିବା ଏହାର ଲକ୍ଷ୍ୟ। ସେ ୟୁଏଇ ବ୍ୟବସାୟୀମାନଙ୍କୁ ଭାରତରେ ସେମାନଙ୍କର ପରବର୍ତ୍ତୀ ଅଭିବୃଦ୍ଧି ପାଇଁ ଓଡ଼ିଶାକୁ ଏକ ପସନ୍ଦର ଗନ୍ତବ୍ୟ ସ୍ଥଳ କରିବାକୁ ଆମନ୍ତ୍ରଣ କରିଥିଲେ।

ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ଏହି ଗସ୍ତର ଲକ୍ଷ୍ୟ ହେଉଛି ସାରା ରାଜ୍ୟରେ ବିକାଶ ନିଶ୍ଚିତ କରିବା ସହ ଲୋକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଏହି ଅଭିଯାନ ସମୟରେ ମିଳିଥିବା ପ୍ରତିଶ୍ରୁତିଗୁଡ଼ିକ ନୂତନ ପ୍ରକଳ୍ପରେ ରୂପାନ୍ତରିତ ହେବ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ବିଶ୍ୱସ୍ତରୀୟ ନିବେଶକମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ନିଜକୁ ଏକ ଆକର୍ଷଣୀୟ ନିବେଶ ସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛି।

ପ୍ରସ୍ତୁତି ସହ ଜଡ଼ିତ ସୂତ୍ରରୁ ପ୍ରକାଶ ଯେ, ଏହି ସଫଳତାର ଶ୍ରେୟ ମୁଖ୍ୟତଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଯାଏ, ଯେଉଁମାନେ ଏହି ସମ୍ପୂର୍ଣ୍ଣ ଅଭିଯାନ ପଛରେ ରହି କାର୍ଯ୍ୟ କରିଥିଲେ।

ଏହି ଅଭିଯାନ ଆନ୍ତର୍ଜାତୀୟ ନିବେଶକମାନଙ୍କ ମଧ୍ୟରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଏଭଳି ଆହୁରି ଅନେକ କାର୍ଯ୍ୟକ୍ରମ ପାଇଁ ବାଟ ଫିଟାଇବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ପ୍ରସ୍ତାବଗୁଡ଼ିକ ହାତରେ ଥିବାରୁ, ପରବର୍ତ୍ତୀ ପଦକ୍ଷେପ ହେଉଛି ସମ୍ପୃକ୍ତ କମ୍ପାନୀଗୁଡ଼ିକ ସହିତ ଜମି, ଅନୁମୋଦନ ଏବଂ ଭିତ୍ତିଭୂମି ସହାୟତା ପାଇଁ ଯୋଗାଯୋଗରେ ରହିବା, ଯାହାଦ୍ୱାରା ଏହି ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରାଯାଇପାରିବ।

## ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ଆଠଗଡ଼,୨୨।୯ (ନିପ୍ର); ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା, ସୁରକ୍ଷିତ ତଥା ସରସ ସୁନ୍ଦର ଭାବରେ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଅନିମେଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ପୋଲିସ ବିଭାଗ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବାହିନୀ, ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିଙ୍କ ସମେତ ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ ଓ ଗତ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭସାଣି ସମୟରେ ହେଉଥିବା ବିଶୃଙ୍ଖଳାର ସମାଧାନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯିବା ସହ ଅନ୍ୟାନ୍ୟ ଜରୁରୀ ବ୍ୟବସ୍ଥା ଗ୍ରହଣ କରାଯାଇଛି।ସହରର ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ମଣ୍ଡପଗୁଡ଼ିକର ଆଖପାଖରେ ଆଲୋକୀକରଣ ବ୍ୟବସ୍ଥା ଉପରେ ଆଠଗଡ଼ ଏନଏସି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ।

## ଜିଲ୍ଲାପାଳଙ୍କ ଜନଶୁଣାଣି

ଭାପୁର,୨୨।୯(ନିପ୍ର); ଭାପୁର ବ୍ଲକ ସଭାଗୃହ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଅଭିଯୋଗର ଜନଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପାଦାର,ସହାୟକ ଜିଲ୍ଲାପାଳ ଅକ୍ଷୟ କୁମାର ବେହେରା,ଭାପୁର ତହସିଲଦାର ଲୋପାମୁଦ୍ରା ରଥଙ୍କ ସମେତ ନୟାଗଡ଼ ଜିଲ୍ଲା ଓ ଭାପୁର ବ୍ଲକରୁ ବିଭିନ୍ନ ବିଭାଗର ପ୍ରଶାସନିକ ପଦାଧିକାରୀମାନେ ଯୋଗ ଦେଇ ଅଭିଯୋଗର ପକ୍ଷ ରଖି ନିଷ୍ପତ୍ତି ଗ୍ରହଣ କରିଥିଲେ।ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୭୦ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ, ୧୧ ଗୋଟି ଗ୍ରାମ୍ୟ ସମସ୍ୟା ,ମୁଖ୍ୟମନ୍ତ୍ରୀ ରିଲିଫ ସମ୍ବନ୍ଧୀୟ ୯ ଗୋଟି ଅଭିଯୋଗ କରାଯାଇଥିଲା ଏବଂ ୧୫ ଗୋଟି ଅଭିଯୋଗର ଜିଲ୍ଲାପାଳ ଶ୍ରୀମତୀ ରଥ ତୁରନ୍ତ ବିଚାରକରି ସମାଧାନ କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୨୨।୯ (ନିପ୍ର): ଧାମନଗର ବ୍ଲକର ଅସୁରାଳି ପଞ୍ଚାୟତ ସମିତି ସମ୍ମିଳନୀକକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୨ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧୀନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବା ବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ ୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଚକ୍ଷୁ ସମସ୍ୟା ଚିହ୍ନଟ ନିମନ୍ତେ ତାଲିମ୍

ଆସିକା,୨୨।୯ (ନିପ୍ର): ଚକ୍ଷୁ ସମସ୍ୟା ଯୁକ୍ତ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ସମଗ୍ର ଶିକ୍ଷା ଗଞ୍ଜାମ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆସିକା ଠାରେ



ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଓ ନୟନ ଜ୍ୟୋତି ଯୋଜନା ମାଧ୍ୟମରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ସମସ୍ୟା ଚିହ୍ନଟ କିପରି କରାଯିବ ତାଲିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଆସିକାର ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବରାମ ବେହେରା ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ୧୫୯ ବିଦ୍ୟାଳୟର ଜଣେ ଲେଖାଏ ଶିକ୍ଷକ ଶିକ୍ଷୟତ୍ରୀ ତାଲିମ୍ ନେଇଥିଲେ ।

## ସଂସ୍କୃତ ମହୋତ୍ସବ ପାଳିତ

ଯାଜପୁର,୨୨।୯ (ନିପ୍ର);ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ସଂସ୍କୃତ ଟୋଲ୍ ଓ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଦ୍ୱାରା ସଂସ୍କୃତମହୋତ୍ସବ ପାଳିତ ହୋଇଯାଇଛି । ପଣ୍ଡିତ ଭୁପତିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମହାମାନସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଟୋଲ୍‌ର ପ୍ରଧାନ ପଣ୍ଡିତ ସରସ୍ୱତୀ ବେହେରା ସଂସ୍କୃତ ଭାଷା ମହତ୍ୱ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍‌ଘାଟକ ପଣ୍ଡିତ ବସନ୍ତ କୁମାର ପତି କ୍ଷୋଭପ୍ରକାଶ କରି କହିଥିଲେ ଯାଜପୁରର ସର୍ବପୁରାତନ ସଂସ୍କୃତ ଶିକ୍ଷା ଅନୁଷ୍ଠାନ ବିରଜା ଟୋଲ୍‌କୁ ସରକାର ଭାଙ୍ଗିଦେଇ ଅନ୍ୟ କୌଣସି ସ୍ଥାନରେ ଥଇଥାନ କରିବାର ବ୍ୟବସ୍ଥା କରିନାହାନ୍ତି; ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ପାଦକିୟ ବିବରଣୀ ପାଠ ପୂର୍ବକ ଡଃ ଜ୍ଞାନରଞ୍ଜନ ପତି କ୍ଷୋଭ ପ୍ରକାଶ କରି କହିଲେ ଯେ ଏହି ଶିକ୍ଷାନୁଷ୍ଠାନ ବହୁ କୃତି ଛାତ୍ରଙ୍କୁ ସୃଷ୍ଟିକରିଛି । ଏହାକୁ ସ୍ଥାନାନ୍ତର ନକରି ଘରକୁ ଭାଙ୍ଗିଦେବା ଠିକ୍ ହୋଇନାହିଁ। ତେଣୁ ଏଥିପ୍ରତି ପ୍ରଶସାନ ଦୃଷ୍ଟି ଦେବା ଉଚିତ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର ଡଃ ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସେ ଏହି ଟୋଲ୍‌ର ପୁରାତନ ଛାତ୍ର ହୋଇଥିବାରୁ ନିଜର ଅଭିଜ୍ଞତା ବିଷୟରେ ଆଲୋଚନାକରି‘ ଶୀର୍ଷକ -ଯାଜପୁର, ଐତିହ୍ୟ ସଂସ୍କୃତିର ମୂକ ସାକ୍ଷୀ ବିରଜା ସଂସ୍କୃତଟୋଲର ଅସ୍ତିତ୍ୱକୁ ନେଇ ପ୍ରଶ୍ନ। ’ ଏହାର ପ୍ରାଚିନତା ଓ ମହତ୍ୱ ଉପରେ ବହୁ ଉପାଦେୟ କଥା କହିଥିଲେ । ଭଗ୍ନ ଅବସ୍ଥାରେ ଟୋଲ୍‌ର କଳେବର ଦେଖି ଦୁଃଖପ୍ରକାଶ କରିଥିଲେ। ଏହାର ଥଇଥାନ ପାଇଁ ସରକାରୀ ସ୍ତରରେ ଯାହା ସାହାଯ୍ୟ ଦରକାର ସେ ସାହାଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

# ପିଚୁକୁଳି ପଞ୍ଚାୟତ ପଲ୍ଲୀରେ ପ୍ରଶାସନ,୪୯ ଅଭିଯୋଗ ସମାଧାନ

## ୧୧ମାସ ଧରି ଭତ୍ତା ଟଙ୍କା ପାଇନଥିବାରୁ ବିଡିଓଙ୍କୁ ଅଭିଯୋଗ କରିଥିଲେ ବୃଦ୍ଧବୃଦ୍ଧା

ବୋଲଗଡ,୨୨।୯ (ନିପ୍ର); ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ବୋଲଗଡ ବ୍ଲକ ପ୍ରଶାସନର ମିଳିତ ଆନୁକୁଲ୍ୟରେ ପିଚୁକୁଳି କଲ୍ୟାଣ ମଣ୍ଡପ ପରିସରର ପଲ୍ଲୀରେ ପ୍ରଶାସନ ସେବା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ,ମୁଖ୍ୟବକ୍ତା ଭାବେ ବ୍ଲକ ବିଡ଼ିଓ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥିଭାବେ ପିଚୁକୁଳି ଗ୍ରାମପଞ୍ଚାୟତ ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଏହି ପଲ୍ଲୀ ପ୍ରଶାସନ ସେବା କାର୍ଯ୍ୟକ୍ରମରେ କୃଷି, ପଞ୍ଚାୟତିରାଜ, ମତ୍ସ୍ୟ ଓ ପଶୁ ପାଳନ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ବିଦ୍ୟୁତ ବିଭାଗ, ତହସିଲ, ଶିଶୁ କଲ୍ୟାଣ ବିଭାଗ,ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଶିକ୍ଷା ଇତ୍ୟାଦି ବିଭାଗ ଗୁଡିକର କାର୍ଯ୍ୟନିର୍ବାହୀ



ଅଧିକାରୀମାନେ( ୫୫)ଜଣ ଲୋକମାନଙ୍କର ଲିଖିତ ଅଭିଯୋଗକୁ ପଞ୍ଜିକୃତ କରିଥିଲେ । ୪୯ ଟି ଲିଖିତ ଅଭିଯୋଗକୁ ତୁରନ୍ତ ଆଶୁ ସମାଧାନ କରିଥିଲେ ।୬ଜଣ ଲୋକମାନଙ୍କର ଲିଖିତ ଅଭିଯୋଗ ଗୁଡିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଲୋକମାନେ କିପରି ଶୀଘ୍ର ପ୍ରଶାସନିକ ସେବା ପାଇ ପାରିବେ ସେଥିପାଇଁ ବୋଲଗଡ ବ୍ଲକ ପ୍ରଶାସନ ତରଫରୁ ପ୍ରତି ପଞ୍ଚାୟତରେ ପଲ୍ଲୀ ପ୍ରଶାସନ ସେବା କାର୍ଯ୍ୟକ୍ରମ କରାଯାଉଅଛି ବୋଲି ବିଡ଼ିଓ ସୁମନ ସୁଧ କୁଣ୍ଡୁ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ବ୍ଲକ ପଲ୍ଲୀ ପ୍ରଶାସନ ସେବା ମାଧ୍ୟମରେ ଲୋକମାନଙ୍କର ସମସ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ପିଚୁକୁଳି ଗ୍ରାମପଞ୍ଚାୟତର ଜୟନ୍ତୀ ପ୍ରଧାନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ନାଥ ସାହୁ ପ୍ରମୁଖ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ସେବା କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ,ବ୍ଲକ ବିଡ଼ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ମୁଖ୍ୟ କିରାଣୀ ଆଲୋକ କୁମାର ଜେନା ପ୍ରମୁଖ ଯୋଗଦେଇ ଲୋକମାନଙ୍କର ସମସ୍ୟା ସମାଧାନ କରିବାରେ ସହଯୋଗ କରିଥିଲେ । ପିଚୁକୁଳି ଗ୍ରାମପଞ୍ଚାୟତର ସମସ୍ତ ମଧୁବାବୁ ବାବୁ ଭତ୍ତା ଯୋଜନାରେ ସାମିଲ ଥିବା ହିତାଧିକାରୀମାନେ ଆଜକୁ ୧୧ମାସ ଧରି ଭତ୍ତା ଟଙ୍କା ପାଇନଥିବାରୁ ସେମାନେ ବଡ଼ିଓଙ୍କୁ ଅଭିଯୋଗ କରିଥିଲେ। ପରେ ଭତ୍ତା ଟଙ୍କା ଶୀଘ୍ର ପାଇବା ପାଇଁ ଏକଲିଖିତ ଦାବି ପାତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପିଚୁକୁଳି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ସାହୁ ପରିଚାଳନା କରିଥିଲେ ।

## ‘ନୂଆଖାଇ’ ହେଉଛି ସଂହତି,କୃଷି ଓ ସଂସ୍କୃତିର ପର୍ବ

କୁଚିଣ୍ଡା,୨୨।୯(ନିପ୍ର): ନୂଆଁଖାଇ ଓ ତାର ପରବର୍ତ୍ତୀ ନୂଆଁଖାଇ ଭେଟଘାଟ ଉତ୍ସବ ଏବେ କେବଳ ପଶ୍ଚିମ ଓଡ଼ିଶା ସୀମିତ ନୁହେଁ,ଏହା ସମଗ୍ର ରାଜ୍ୟ,ଦେଶ ଓ ଦେଶ ବାହାରେ ମଧ ଲୋକପ୍ରିୟତା ହାସଲ କରିଛି । ତାର ପୂର୍ବ ଗୌରବକୁ ଅବ୍ୟାହତ ରଖି ଏହା ସଂହତି, ସଂସ୍କୃତି, ଭାଇଚାରା ତଥା କୃଷି ପରମ୍ପରାକୁ ଅବ୍ୟାହତ ରଖିଛି ବୋଲି ନୂଆଁଖାଇ ଭେଟଘାଟ ଉତ୍ସବରେ ଅତିଥି ଗଣ କହିଛନ୍ତି । ଝାରସୁଗୁଡ଼ାର ମଧୁମୟ ପରିବାର ଓ କୁଚିଣ୍ଡାର ଆଶା ନର୍ସିଂ କଲେଜର ମିଳିତ ଉଦ୍ୟମରେ କଲେଜ୍ ସଭାଗୃହରେ ଆୟୋଜିତ ଉତ୍ସବରେ ସ୍ୱାଗତ ସମିତିର ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିସାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ,ପରିବେଶବିତ୍ ଓ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି,କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସତ୍ୟ ପ୍ରକାଶ ଦୋରା ବିଶିଷ୍ଟ ଅତିଥି,ବୌଦ୍ଧ ଜିଲ୍ଲାରୁ ସଦ୍ୟ ଅବସର ନେଇଥିବା ଡିଏସଡବ୍ଲୁ ତଥା କବି କନକଅଟ ନାୟକ ବରେଣ୍ୟ ଅତିଥି ,ମଧୁମୟ ସାହିତ୍ୟ ପରିବାରର ସମ୍ପାଦକ ପ୍ରେମ ସାଗର ଦେହେରିଆ ମୁଖ୍ୟବକ୍ତା ଓ ଫ।ସିମ।ଲ କଲେଜର ଅଧ୍ୟକ୍ଷ। ଜ୍ୟୋସ୍ନାରାଣୀ ଦଳବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପାଟଣା ରାଜା ରମେଇ ଦେବଙ୍କ ସମୟରୁ ଚାଲି ଆସୁଥିବା ଏହି ପରମ୍ପରା ସହ ଏବେ ଏ ଦିଗରେ ସାହିତ୍ୟିକ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କୁ ମଧୁମୟ ସାହିତ୍ୟ ପରିବାର ପକ୍ଷରୁ ବହୁମୁଖୀ ସମ୍ମାନ ପ୍ରଦାନ କରିଥିବା ବେଳେ ମାନପତ୍ରଟିକୁ କଲେଜର ଅଧ୍ୟକ୍ଷା ସୁମନ ସମ୍ପିତା ପଟେଲ ପାଠ କରିଥିଲେ । ଏହି ଅବସରରେ ସାହିତ୍ୟିକ ସୁସ୍ମିତା ପଟେଲଙ୍କ ରଚିତ କବିତା ସଂକଳନ‘ ଧାରେ ଲୁହର କବିତା’ ଓ ଶିଶୁ ସାହିତ୍ୟ ପୁସ୍ତକ ‘ଆଖି ନାହିଁ କାନ ନାହିଁ’ ଦ୍ୱୟକୁ ଅତିଥି ଗଣ ଲୋକାର୍ପଣ କରିଥିଲେ । ଏହାପରେ କବିୟତ୍ରୀ ପଟେଲଙ୍କ ସଂଯୋଜନାରେ ଝାରସୁଗୁଡ଼ା,ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରୁ ଆସିଥିବା ବିଟୁ ନାଏକ,ପ୍ରତାପ କୁମାର ରୋହିଦାସ , ରଜନୀ ପଟେଲ,ଜାନକୀ ମହନ୍ତ,ଉଦୟ ନାଥ ମିଶ୍ର,ଅଜୟ ସିଂ, ଯୋଗେଶ୍ୱରୀ ନାଏକ, ଚୁମକି ଉର୍ମା, ସଂପ୍ରୀତି ପଟେଲ ,ଜ୍ୟୋତ୍ସ୍ନା ଦଳ ବେହେରା, ଶମ୍ଭୁନାଥ ସାହୁ, କନକ ନାଏକ ଆଦି ୩୦ ଜଣ କବି ସ୍ୱରଚିତ ନୂଆଁଖାଇ ଆଧାରିତ କବିତା ମାନ ପାଠ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବୋଲଗଡ଼,୨୨।୯ (ନିପ୍ର): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀ ସଭାପତିତ୍ୱ କରି ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ବୋଲଗଡ଼ -ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ,ମୁଖ୍ୟବକ୍ତା ଭାବେ ବୋଲଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଡାକ୍ତର ରତିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ପବିତ୍ର ମୋହନ ମାଝୀ, ସମିତିସଭ୍ୟ ସଞ୍ଜୟ ଗୁମ୍ପାନସିଂହ ପ୍ରମୁଖ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ ! ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ଅଭିପ୍ସା ଦାସ, ଜସ୍ମିନୀ ମିଶ୍ର ପ୍ରମୁଖ ମିଳିତ ଭାବେ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ୧୫୦ଜଣ ଛାତ୍ର ଓ ଛାତ୍ରୀମାନେ ସଙ୍ଗୀତ,ନୃତ୍ୟ, କଳା, ସାହିତ୍ୟ ଓ ସୃଜନଶୀଳତ ପ୍ରସଙ୍ଗଭିତ୍ତିକ ବାକ୍ୟାଂଶ ପ୍ରତିଯୋଗିତାରେ ଭାଗ ନେଇଥିଲେ । ମନୋରଞ୍ଜନ ଧର୍ମୀ ସାଂସ୍କୃତିକ ନୃତ୍ୟ ପରିବେଶ ରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଜକିଆରୀ ଛକରୁ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ

କଣ୍ଟିଲୋ ୨୧।୯ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ରାଜକିଆରୀ ଛକରୁ ନିକଟସ୍ଥ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଥିବା ଖାଲଖମାରେ ପାଣି ଜମି ରହୁଛି।

ଉକ୍ତ ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟକ ଭାରି ଯାନବାହାନ ଠାରୁ ଆରମ୍ଭ କରି ଯାତ୍ରୀବାହି ବସ୍ ଗୁଡିକ ଚଳାଚଳ କରୁଥିବା ବେଳେ ଉକ୍ତ ରାସ୍ତାଟି ଅବିଭକ୍ତ କଟକ,ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାକୁ ମହାନଦୀ ସେତୁ ଦେଇ ସଂଯୋଗ କରୁଥିବା ବେଳେ ରାସ୍ତାର ଅପର ପାର୍ଶ୍ୱ ୪୮ ନଂ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଜଣାପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉନ୍ନତିକରଣ କରାଗଲେ ଅଞ୍ଚଳବାସୀ ଉପକୃତ ହେବା ସହ ଯାନବାହନ ଚଳାଚଳରେ ଆଉ ସମସ୍ୟା ରହିବ ନାହିଁ ବୋଲି ଅଞ୍ଚଳବାସୀଙ୍କ ଠାରୁ ପ୍ରକାଶ।ନୟାଗଡ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ,ମୁଖ୍ୟ



ଯନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ଜିଲ୍ଲାପାଳଙ୍କୁ କଲେ ଅଭିଯୋଗ

ଭାପୁର,୨୨।୯ (ନିପ୍ର); ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନିମାଣୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ଆଜିକୁ ୩୭/୩୮ ବର୍ଷ ହେଲା ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସବୁଥିରେ ନାନାରେ ଚାଲିଛି।ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବଡ଼ସହରା, ଚକ୍ରଧରପ୍ରସାଦ ସହିତ ନିମାଣୀ ଗ୍ରାପ ରୁ ପ୍ରାୟ ୧୦ ହଜାର ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ନ ଥିବାରୁ ପାଳି କରି ଆସିଥାନ୍ତି ଏବଂ ସକାଳ ୧୦ ରେ ଖୋଲି ୧୨ ରେ ଚାଲି ଯାଇଥାନ୍ତି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାରୁ ମୁଖ୍ୟଡାକ୍ତରଙ୍କ ଉପରେ ଅସନ୍ତୁଷ୍ଟ ହେବା ସହିତ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭାପୁର ବ୍ଲକ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ୬ ଦଫା ଦାବି ବିଶିଷ୍ଟ ବିଭିନ୍ନ ସମସ୍ୟା ଉପରେ ପରିବେଷ୍ଟିତ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗୋଳବାଇ ଶାସନ ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ନିରାକାରପୁର,୨୨।୯ (ନିପ୍ର); ଖୋରଧା ଜିଲ୍ଲା ଗୋଳବାଇ ଶାସନ ଗ୍ରାମପଞ୍ଚାୟତବାସୀ ଦୀର୍ଘ ଦିନ ଧରି ମୌଳିକ ସମସ୍ୟା ଦେଇ ଗତି କରୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ତଥା ଦାବିପତ୍ର ପ୍ରଦାନ କରାଯାଇଛି।ଦାବିପତ୍ର ଅନୁଯାୟୀ, ଗୋଳବାଇ ଶାସନ ଏକ ରାଜସ୍ୱ ଗ୍ରାମ ହୋଇଥିଲେ ସୁଦ୍ଧା ଆବଶ୍ୟକୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛି। ବିଶେଷ କରି ଗୋଳବାଇ ଗ୍ରାମରେ ବସ୍ ଷ୍ଟପ୍ ନିର୍ମାଣ



ସରିଥିଲେ ମଧ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ସାଧାରଣ ଜନତା ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ଏହି ବସ୍ ସେବା ଆରମ୍ଭ କରିବାକୁ ଦାବି ହୋଇଛି। ସେହିପରି ଗୋଡ଼ିପଡ଼ାଠାରେ ନିର୍ମାଣ ହୋଇଥିବା ଟୋଲ୍ ଗେଟ୍ ଦେଇ ଗୋଳବାଇ ଶାସନ ଗ୍ରାମପଞ୍ଚାୟତର ଯାତାୟାତ କରୁଥିବା ବିଭିନ୍ନ ବ୍ୟକ୍ତିଗତ ଯାତ୍ରୀବାହୀ ଯାନଗୁଡ଼ିକୁ ଟୋଲ୍‌ମୁକ୍ତ (ଟୋଲ୍ ଟ୍ୟାକ୍ସ ଛାଡ଼) ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।ରାଜ୍ୟରେ ନୂତନ ସରକାର ଗଠନ ପରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ଓ ସମସ୍ୟାର ସମାଧାନ କରାଯାଉଥିବାରୁ, ଗ୍ରାମବାସୀମାନେ ନୂତନ ସରକାରଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କର ଏହି ଦୀର୍ଘଦିନର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଶା ବ୍ୟକ୍ତ କରିଛନ୍ତି। ଏହି ଦାବିପତ୍ରରେ ଯୁବ ସମାଜସେବୀ ରଶ୍ମିକାନ୍ତ କଳସଙ୍କ ସମେତ ବହୁ ଗ୍ରାମବାସୀ ଦସ୍ତଖତ କରି ନିଜର ଦାବୀ ଜଣାଇଛନ୍ତି।

## କାଶତଣ୍ଡୀର ଆଗମନରେ ଧରାପୃଷ୍ଠ ଆନମନା

### ମା’ ଦୁର୍ଗାଙ୍କ ଧରାବତରଣକୁ ଅପେକ୍ଷା କରି ଧଳା ଚାଦରରେ ସଜିଛି ଧରିତ୍ରୀ

ଗୋଲାମୁଣ୍ଡା, ୨୨।୯(ନିପ୍ର): ଶରତର ଶୁଭ ଆଗମନୀ ବାର୍ତ୍ତା ନେଇ ଧରାପୃଷ୍ଠକୁ ଓହ୍ଲାଇଛି କାଶତଣ୍ଡୀ। ନୀଳ ଆକାଶର ଛାତିତଳେ, ସୁଲୁସୁଲିଆ ପବନର ତାଳେ ତାଳେ ଦୋଳି ଉଠୁଥିବା ଧଳା କାଶଫୁଲ ଏବେ ପ୍ରକୃତିର ରୂପକୁ ଏକ ନୂଆ ମାଧୁର୍ଯ୍ୟରେ ଭରିଦେଇଛି। ନଦୀକୂଳଠାରୁ ଚାଷଜମିର ହୁଡ଼ା, ରାସ୍ତାପାର୍ଶ୍ୱଠାରୁ ଜଙ୍ଗଲ ଓ ଖୋଲା ପଡ଼ିଆ—ଯେଉଁଆଡ଼େ ଚାହିଁଲେ ସେଠାରେ ଧଳା କାଶଫୁଲର ଅପୂର୍ବ ସମ୍ଭାର। ମନେହେଉଛି, ପ୍ରକୃତିରାଣୀ ନିଜକୁ ଧଳା ଚାଦରରେ ସଜାଇ ପାର୍ବଣ ଋତୁକୁ ସ୍ୱାଗତ କରୁଛି। କାଶତଣ୍ଡୀ ଫୁଟିବା ମାତ୍ରେ ଶରତ ଋତୁର ଆଗମନର ଅନୁଭବ ହୁଏ। କାଶଫୁଲର ଧଳା ହସ ସହ ପରିବେଶରେ ମିଶିଯାଏ ପାର୍ବଣର ଆଗମନୀ ସୁର।

ଆଗକୁ ଦୁର୍ଗାପୂଜା ସମେତ ବିଭିନ୍ନ ପର୍ବପର୍ବାଣୀ ଥିବାରୁ ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ପରିବେଶର ଆଭାସ ମିଳିବା ଆରମ୍ଭ ହୋଇଛି। ଚଳିତ ବର୍ଷ କାଶତଣ୍ଡୀର ଆଗମନ ମଧ ମନକୁ ଛୁଇଁଯିବା ଭଳି। ଗୋଲାମୁଣ୍ଡା ସମେତ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଗୁଆ ଫୁଟିଥିବା କାଶଫୁଲ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଆହୁରି ଉଜ୍ଜ୍ୱଳ କରିଦେଇଛି। ଆକାଶର ନୀଳିମା, ଖଣ୍ଡ ଖଣ୍ଡ ଧଳା ବାଦଲ, ସବୁଜ ବନାନୀ ଓ ଧଳା କାଶଫୁଲର ଅପୂର୍ବ ସମନ୍ୱୟ ଆଖିକୁ ଶୀତଳତା ଓ ମନକୁ ଅପାର ଆନନ୍ଦ ଦେଉଛି। ନଦୀକୂଳରେ କୁଳୁକୁଳୁ ନାଦରେ ବହୁଥିବା ଜଳଧାରା, ତା’ ସହ ଶୀତଳ ପବନର



ମୃଦୁ ସ୍ପର୍ଶ ଏବଂ ପବନରେ ଦୋଳାୟମାନ କାଶଫୁଲ—ଏହି ତିନିର ମିଳନରେ ସୃଷ୍ଟି ହେଉଛି ଏକ ମନମୁଗ୍ଧକର ପରିବେଶ। ଚାଷଜମିର ହୁଡ଼ାରେ ଧଳା କାଶଫୁଲ ଯେପରି ରୂପାର ଫୁଲ ହୋଇ ହସୁଛି। ଦୂରରୁ ଦେଖିଲେ ମନେହୁଏ, ଧରିତ୍ରୀର ବିସ୍ତୃତ ବୁକୁ ଉପରେ କିଏ ଧଳା ରଙ୍ଗର ମଖମଲି ଚାଦର ବିଛାଇ ଦେଇଛି। କାଶତଣ୍ଡୀ କେବଳ ଏକ ଫୁଲ ନୁହେଁ; ଏହା ଓଡ଼ିଆ ଜୀବନ, ଋତୁଚକ୍ର ଓ ପାରମ୍ପରିକ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ। କାଶଫୁଲ ଫୁଟିଲେ ଲୋକମନରେ ଶରତର ଆଗମନ ସହ ଦୁର୍ଗାପୂଜାର ସ୍ମୃତି ଜାଗିଉଠେ। ତେଣୁ କାଶତଣ୍ଡୀକୁ ମା’ ଦୁର୍ଗାଙ୍କ ଆଗମନୀର ପ୍ରାକୃତିକ ଦୂତ ବୋଲି କହିଲେ ମଧ ଅତିଶୟୋକ୍ତି ହେବ ନାହିଁ। ଧଳା ଧଳା କାଶଫୁଲ ଯେପରି ଧଳା ଚାମର ଧରି ମା’ଙ୍କ ସ୍ୱାଗତ ପାଇଁ ପ୍ରକୃତିର ଦୁଆରରେ ଠିଆ ହୋଇଛି।

ଆଶ୍ୱିନ ମାସରେ ଜଗତଜନନୀ ମା’ ଦୁର୍ଗାଙ୍କ ଧରାବତରଣ ପୂର୍ବରୁ ପ୍ରକୃତି ମଧ ନିଜ ଶୃଙ୍ଗାର ସାରିନେଉଛି। ନୀଳ ଆକାଶ ତଳେ ଧଳା କାଶଫୁଲ, ସବୁଜ ବନାନୀ ଓ ଶୀତଳ ପବନର ସମ୍ମିଳିତ ରୂପ ଏବେ ଏକ ଜୀବନ୍ତ ଚିତ୍ରପଟର ଭ୍ରମ ସୃଷ୍ଟି କରୁଛି। ଏହି ମନୋହର ଦୃଶ୍ୟ ଦେଖି ପଥଚାରୀମାନେ ମଧ କିଛି କ୍ଷଣ ପାଇଁ ରାସ୍ତାରେ ଅଟକି ଯାଉଛନ୍ତି। କେହି କାଶଫୁଲର ସୌନ୍ଦର୍ଯ୍ୟକୁ ଆଖିରେ ଭରି ନେଉଛନ୍ତି, ତ ଆଉ କେହି ମୋବାଇଲ୍ କ୍ୟାମେରାରେ ଏହି ଅପୂର୍ବ ଦୃଶ୍ୟକୁ ସାଇତି ରଖୁଛନ୍ତି।

# ଲୁଣିଆ ଗୁଳିକାଣ୍ଡର ସ୍ମୃତି ଦିବସ: ୮୪ ବର୍ଷ ପୂରିଲା, ୯ ସହିଦ ପରିବାରଙ୍କୁ ମିଳିଲାନି ମାନ୍ୟତା

ଧାମନଗର,୨୨।୯ (ନିପ୍ର); ଭଦ୍ରକ ଜିଲ୍ଲାର ଅନ୍ୟତମ ସହିଦି ପୀଠ ସ୍ୱାଧୀନତା ସଂଗ୍ରାମ ଇତିହାସର ଅନ୍ୟତମ ରକ୍ତାକ୍ତ ଓ ଗୌରବମୟ ଅଧ୍ୟାୟ ‘ଲୁଣିଆ ଗୁଳିକାଣ୍ଡ’କୁ ଆଜି ୮୪ ବର୍ଷ ପୂରିଛି। ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖରେ ଭାରତ ମାତାର ମୁକ୍ତି ସଂଗ୍ରାମ ପାଇଁ ଲୁଣିଆ ମାଟିରେ ୯ ଜଣ ବୀର ସଂଗ୍ରାମୀ ଆତ୍ମବଳିଦାନ ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ, ସେହି ବୀରସହୀଦ ମାନଙ୍କ ନାମରେ ନିର୍ମିତ ସ୍ମୃତିପୀଠ ଆଜି ପ୍ରଶାସନିକ ଅବହେଳାର ଶିକାର ହୋଇ ପଡ଼ିରହିଛି। ସହୀଦ ସ୍ମୃତିସ୍ତମ୍ଭ ଓ ପରିସର ଦୀର୍ଘ ଦିନ ହେବ ଆବର୍ଜନାରେ ପୂରି ରହିଛି। ଏହି ଲୁଣିଆ ଗୁଳିକାଣ୍ଡ ରେ ୯ ଜଣ ସହିଦ ପରିବାର ଆଜି ବି ଅବହେଳିତ ଅବସ୍ଥାରେ ଅଛନ୍ତି। ସହିଦ ଦିବସ ଆସିଲେ ସେହି ଦିବସରେ ତାଙ୍କୁ ଗୋଟିଏ ଗାମିଛା



ଓ ଗୋଟିଏ ଫୁଲ ତୁଡ଼ା ରେ ସୀମିତ ସହିଦ ପରିବାର ବଡ଼ ଦୁଃଖ ରେ କାଳ କାଟୁଛନ୍ତି ଏଥର ସହିଦ ଦିବସ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।୧୯୪୨ ମସିହାରେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଆହ୍ୱାନରେ ଧାମନଗର ଅଞ୍ଚଳରେ ଇଂରେଜ ବିରୋଧୀ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ଇଂରେଜ ପୁଲିସର ବର୍ବର ଗୁଳି ଚାଳନାରେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ସମେତ ବଳରାମ ବେହେରା, କୃଷ୍ଣ ମହାଳିକ, ଶ୍ୟାମ ମହାଳିକ, ଅଗଣି ସାହୁ, ଗୋପୀନାଥ ଜେନା, ନବକିଶୋର ନାୟକ, ଗୌରା ଜେନା, ଚିନ୍ତାମଣି ଦାସ ଓ ଶଙ୍କର ବେହେରାଙ୍କ ପରି ବୀର ପୁତ୍ରମାନେ ଆତ୍ମବଳିଦାନ ଦେଇ ସହୀଦ ହୋଇଥିଲେ। ଯେଉଁ ମାଟିରୁ ସ୍ୱାଧୀନତାର ସ୍ୱର ଉତ୍ତୋଳନ ହୋଇଥିଲା, ସେହି ପବିତ୍ର ସ୍ମୃତିପୀଠରେ ଏପରି ଦୁରବସ୍ଥାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଗ୍ରାମୀ ଦାୟାଦଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।୨୦୨୪ ମସିହାରେ ରାଜ୍ୟରେ ନୂତନ ସରକାର କ୍ଷମତାସୀନ ହେବା ପରେ, ଦେଶ ଓ ମାଟି ପାଇଁ ବଳିଦାନ ଦେଇଥିବା ଶହୀଦ ମାନଙ୍କ ପରିବାରକୁ ‘କୁଟୁମ୍ବ ଯୋଜନା’ (ସରକାରୀ ପାରିବାରିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନା) ଅଧୀନରେ ସାମିଲ କରାଯିବ ବୋଲି ବଡ଼ ଘୋଷଣା କରାଯାଇଥିଲା।

ଏହି ଯୋଜନା ମାଧ୍ୟମରେ ଶହୀଦ ପରିବାରକୁ ମାସିକ ସହାୟତା, ଆର୍ଥିକ ସୁରକ୍ଷା, ମାଗଣା ସ୍ୱାସ୍ଥ୍ୟସେବା ଏବଂ ସେମାନଙ୍କ ଦାୟାଦ ମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବିଶେଷ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦୁଃଖର ବିଷୟ, ଘୋଷଣାର ଦୀର୍ଘ ଦିନ ବିତିଯାଇଥିଲେ ବି ଶହୀଦନଗରର ଅଗଣି ସାହୁ, ଗୋପୀନାଥ ଜେନା, ନବକିଶୋର ନାୟକ, ଗୌରା ଜେନା, ଚିନ୍ତାମଣି ଦାସ, ଶଙ୍କର ବେହେରା, କୃଷ୍ଣ ମହାଳିକ, ଶ୍ୟାମ ମହାଳିକ ଓ ବଳରାମ ବେହେରାଙ୍କ ପରି ବୀର ଶହୀଦଙ୍କ ଦାୟାଦମାନଙ୍କ ନିକଟରେ ଏହି ଯୋଜନାର ସୁଫଳ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। କେବଳ ସେପ୍ଟମ୍ବର୍ ୨୨ ଆସିଲେ ଅଞ୍ଚଳ ରେ ଏକ ପର୍ବ ପରି ପାଳିତ ହୁଏ ସହିଦ ପରିବାର ଙ୍କୁ ସମ୍ବର୍ଦ୍ଧନା ଦେଇ ଆୟଜକ ପର୍ବ ସାରି ଦିଅନ୍ତି। ସବୁ କିନ୍ତୁ ପ୍ରତିଶ୍ରୁତି ରେ ହିଁ ରହିଯାଏ।

## ହର୍ମୁଜ୍ କଟକଣା ହଟାଇବାକୁ ଇରାନର ପ୍ରସ୍ତାବ

ନୂଆଦିଲ୍ଲୀ,୨୨।୯: ଆମେରିକା ନିଜର ସାମରିକ ଚାପ କୋହଳ କରିବା ସହ ଇରାନୀୟ ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇଲେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଇରାନ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି । 'ରଏଟର୍ସ'ର ଏକ ରିପୋର୍ଟ ଅନୁଯାୟୀ, ୱାସିଂଟନ ସାମରିକ ଚାପ ହ୍ରାସ କଲେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ୭ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଇରାନୀୟ ଅଧିକାରୀ ସୂଚନା ଦେଇଛନ୍ତି । ଏହି ଖବର ସାମ୍ନାକୁ ଆସିବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିଛି। ରିପୋର୍ଟ ଅନୁଯାୟୀ, ଗତ ୧୬ ସେପ୍ଟେମ୍ବରରେ ନିକଟକୁ ପଠାଇଥିଲା । ଆମେରିକା-ଇରାନ ବିବାଦର ସମାଧାନ ପାଇଁ ନ୍ୟୁୟର୍କରେ ମଧ୍ୟସ୍ଥମାନଙ୍କ ମାଧ୍ୟମରେ ଆଲୋଚନା କରାଯାଇପାରିବ ବୋଲି ସମ୍ପୃକ୍ତ ଅଧିକାରୀ ଜଣକ ପ୍ରକାଶ କରିଛନ୍ତି । ଏହାପୂର୍ବରୁ ଆମେରିକା ଆଞ୍ଚଳିକ ଦେଶଗୁଡ଼ିକର ସହଯୋଗରେ ସାମରିକ ଅଭିଯାନ ପୁଣି ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଖବର ଉତ୍ତେଜନା ବଢ଼ାଇଥିଲେ । ଇରାନ ସେନାର ସେଣ୍ଟ୍ରାଲ କମାଣ୍ଡ ଏହି ସୂଚନା ପାଇବା ପରେ, ଯେକୌଣସି ସାମରିକ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ରବିବାର ଚେତାବନୀ ଦେଇଥିଲା । ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱ ଶକ୍ତି ଯୋଗାଣର ଏକ ଅତ୍ୟନ୍ତ ସଂବେଦନଶୀଳ ଜଳପଥ । ପାରସ୍ୟ ଉପସାଗରକୁ ଭାରତୀୟ ମହାସାଗର ସହ ଯୋଡୁଥିବା ଏହି ସଂକୀର୍ଣ୍ଣ ଜଳପଥ ଦେଇ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ ତୈଳ ପରିବହନ ହୋଇଥାଏ, ଯାହା ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ପାଞ୍ଚ ଭାଗରୁ ଭାଗେ । ଏହାବ୍ୟତୀତ ବିଶ୍ୱର ମୋଟ ଏଲ୍ଏନ୍ଜି ବାଣିଜ୍ୟର ଏକ ପଞ୍ଚମାଂଶ ମଧ୍ୟ ଏହି ମାର୍ଗ ଦେଇ ସଂପାଦିତ ହୋଇଥାଏ । ଏହି ପ୍ରଣାଳୀ ପୁନର୍ବାର ଖୋଲିଲେ ତୈଳ ଦର ହ୍ରାସ ପାଇବ, ଯାହା ବିଶ୍ୱର ତୃତୀୟ ବୃହତ୍ତମ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ଭାରତ ପାଇଁ ବୃହତ୍ ଆର୍ଥିକ ଆଶ୍ୱାସନା ଆଣିଦେବ ।

## ଦୁର୍ଘଟଣାରେ ଡାକ୍ତର ଦମ୍ପତି ଓ ୨ ପିଲାଙ୍କ ମୃତ୍ୟୁ

ଜୟପୁର,୨୨।୯: ରାଜସ୍ଥାନର ବାରନ୍ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଡାକ୍ତର ଦମ୍ପତି ଓ ସେମାନଙ୍କ ୨ ପିଲାଙ୍କର ମୃତ୍ୟୁ ହୋଇଛି। କୱାଇ-ଅଟ୍ରୁ ରାଜପଥରେ ଡାକ୍ତର ଦମ୍ପତିଙ୍କ କାର୍ ସହ ଏକ ଦ୍ରୁତଗାମୀ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ କାରରେ ଥିବା ସମସ୍ତ ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଉଛନ୍ତି ଭିଲୱାଡ଼ା ଜିଲ୍ଲାର ମଣ୍ଡଳରେ ପିଏମ୍ଓ (ପ୍ରମୁଖ ମେଡିକାଲ ଅଫିସର) ଥିବା ଡାକ୍ତର ସୁରେଶ ଗଜରାଜ (୩୮), ତାଙ୍କ ପତ୍ନୀ ଡାକ୍ତର ଶାଳିନୀ ମୌର୍ଯ୍ୟ (୩୫), ସେମାନଙ୍କ ୧୨ ବର୍ଷୀୟ ପୁଅ ସ୍ୱପ୍ନିଳ ଓ ୭ ବର୍ଷୀୟା ଝିଅ ନୀଳିଶା। ଡାକ୍ତର ଦମ୍ପତିଙ୍କ ଘର ଝୁନ୍‌ଝୁନୁ ଜିଲ୍ଲାର ସୁରଜଗଡ଼ରେ ହୋଇଥିବାବେଳେ ସେମାନେ ଜୟପୁରରେ ରହୁଥିଲେ। ସେମାନେ ଛାବ୍ରା ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ସର୍କଲ ଇନ୍ସପେକ୍ଟର ରାଜପାଲ ସିଂହ କହିଛନ୍ତି। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ସେମାନେ କାର୍ ଭିତରୁ ଦମ୍ପତି ଓ ସେମାନଙ୍କ ପିଲାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ କୱାଇ ଥାନାରୁ ପୁଲିସ ଟିମ୍ ପହଞ୍ଚି କାର୍ ଭିତରୁ ମୃତଦେହଗୁଡ଼ିକୁ ବାହାର କରି ଅଟ୍ରୁ ଉପଜିଲ୍ଲା ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଶର୍ଜିଲ ଇମାମଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୨୨।୯ : କଡକଡଡୁମା କୋର୍ଟ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଶର୍ଜିଲ ଇମାମଙ୍କୁ ଏକ ମାମଲାରେ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ନିଜ ଚଚା ଭାଇଙ୍କ ବିବାହ ସମାରୋହରେ ଯୋଗଦେବା ପାଇଁ କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଶର୍ଜିଲ ଇମାମଙ୍କୁ ଅକ୍ଟୋବର ୪ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦିଆଯାଇଛି। ବିବାହରେ ଯୋଗଦେବା ପାଇଁ ତାଙ୍କୁ ଏହି ରାହତ ମିଳିଛି। କଡକଡଡୁମା କୋର୍ଟ ଏହି ଆଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ଶେଷ ହେବା ପରେ ଶର୍ଜିଲଙ୍କୁ ନିର୍ଦ୍ଧାରିତ ସମୟରେ ପୁଣି ଆତ୍ମସମର୍ପଣ କରିବାକୁ ପଡ଼ିବ। ତାଙ୍କ ଓକିଲ ଅହମଦ ଇବ୍ରାହିମ କହିଛନ୍ତି ଯେ, ସେପ୍ଟେମ୍ବର ୩୦ରେ ଦିଲ୍ଲୀ ହାଇକୋର୍ଟରେ ହେବାକୁ ଥିବା ଶୁଣାଣିର କିଛି ଦିନ ପୂର୍ବରୁ ଶର୍ଜିଲଙ୍କୁ ଏହି ଅସ୍ଥାୟୀ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ମାସରେ ମଧ୍ୟ ଶର୍ଜିଲ ଇମାମଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା। ସେତେବେଳେ ନିଜ ଭାଇଙ୍କ ବିବାହରେ ଯୋଗଦେବା ଏବଂ ଅସୁସ୍ଥ ମାଆଙ୍କ ଦେଖାଶୁଣା କରିବା ପାଇଁ କୋର୍ଟ ତାଙ୍କୁ ୧୦ ଦିନର ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।

## ହସ୍ପିଟାଲ୍‌ରେ ନିଆଁ ଲାଗି ୨ ନବଜାତଙ୍କ ମୃତ୍ୟୁ, ୨୮ ଶିଶୁ ଉଦ୍ଧାର

ହାଇଦ୍ରାବାଦ,୨୨।୯: ତେଲେଙ୍ଗାନା ଆଦିଲାବାଦ୍ ସ୍ଥିତ ରାଜୀବ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ (ଆରଆଇଏମଏସ୍)ର ବିଶେଷ ନବଜାତ ଯତ୍ନ ୟୁନିଟ୍‌ରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଛି। ରାତି ପ୍ରାୟ ୧୧:୫୦ ସମୟରେ ହଠାତ୍ ନିଆଁ ଲାଗି ସମ୍ପୂର୍ଣ୍ଣ ୱାର୍ଡ ଧୂଆଁମୟ ହୋଇପଡ଼ିଥିଲା। ତେବେ ଉଦ୍ଧାରକାରୀ ଦଳ ଓ ହସ୍ପିଟାଲ କର୍ମଚାରୀଙ୍କ ତୁରନ୍ତ ପଦକ୍ଷେପ ଯୋଗୁଁ ଆଉ ୨୮ ଜଣ ନବଜାତ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏସିରୁ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିଲେ ହେଁ ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖବର ପାଇ ନିଆଁଲିଭା ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣାରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଉଦ୍ଧାର କରାଯାଇଥିବା ଶିଶୁମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣାରେ ସୁପ୍ରିମକୋର୍ଟ ଆଇନଜୀବୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୨।୯: ଗ୍ରେଟର ନୋଏଡ଼ା ପଶ୍ଚିମର ଇତେରା ଅଞ୍ଚଳରେ ଏକ ଦ୍ରୁତଗାମୀ ଥାର୍ ଧକ୍କାରେ ଜଣେ ୪୦ ବର୍ଷୀୟ ସୁପ୍ରିମକୋର୍ଟ ଆଇନଜୀବୀଙ୍କ ମୃତ୍ୟୁ ହୋଇଛି। ସ୍କୁଟରରେ ପତ୍ନୀଙ୍କ ସହ ଯାଉଥିବାବେଳେ ସୋମବାର ସନ୍ଧ୍ୟାରେ ଥାରଟି ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ନୀରଜ ନାମକ ଆଇନଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ଧକ୍କା ଏତେ ଜୋରଦାର ଥିଲା ଯେ ଦମ୍ପତି ସ୍କୁଟରରୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନୀରଜଙ୍କ ମୃତ୍ୟୁ ହୋଇଥିଲା।

### ଦିଲ୍ଲୀ ଏସଆଇଆରକୁ ନେଇ ସୁପ୍ରିମକୋର୍ଟଙ୍କ କଟାକ୍ଷ

# ଲାଗୁଛି ନୋଟିସ୍ ମେସିନରୁ ବାହାରୁଛି




ନୂଆଦିଲ୍ଲୀ,୨୨।୯: ଦିଲ୍ଲୀର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ପୁନରୀକ୍ଷଣ (ଏସ୍ଆଇଆର) ସମୟରେ ମତଦାତାମାନେ ସାମ୍ନା କରୁଥିବା ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି। କୋର୍ଟ କୌଣସି ସଠିକ୍ କାରଣ ଦର୍ଶାଇ ନ ଦିଆଯାଇଥିବା 'ଲଜିକାଲ୍ ଡିସ୍କ୍ରେପାନ୍ସି' ନୋଟିସ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ କହିଛନ୍ତି ଯେ, ବହୁ ସଂଖ୍ୟାରେ ପଠାଯାଇଥିବା ଏହି ନୋଟିସଗୁଡ଼ିକ ମେସିନରୁ ଜାରି ହୋଇଥିବା ଭଳି ଲାଗୁଛି। ଆରଟିଆଇ କର୍ମୀ ଅଞ୍ଜଳି ଭାରଦ୍ୱାଜଙ୍କ ଆବେଦନର ଶୁଣାଣି କରିବା ସମୟରେ କୋର୍ଟ ନିର୍ବାଚନ କମିଶନଙ୍କୁ 'ଲଜିକାଲ୍ ଡିସ୍କ୍ରେପାନ୍ସି'ର ସ୍ପଷ୍ଟ ବ୍ୟାଖ୍ୟା ଦେବାକୁ କହିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ଏହା ମଧ୍ୟ ପଚାରିଛନ୍ତି ଯେ, ପ୍ରାୟ ୩୩ ଲକ୍ଷ ନୋଟିସର ସମାଧାନ ପାଇଁ କେତେ ଜଣ ବୁଥ୍ ଲେଭଲ୍ ଅଫିସର (ବିଏଲଓ) ନିୟୋଜିତ ହୋଇଛନ୍ତି। କୋର୍ଟ ନିର୍ବାଚନ କମିଶନଙ୍କୁ ଜବାବ ଦାଖଲ କରିବା ପାଇଁ ୨ ସପ୍ତାହ ସମୟ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ୩୩ ଲକ୍ଷରୁ ଅଧିକ ମତଦାତାଙ୍କୁ ସାମାନ୍ୟ କିମ୍ବା ଅସ୍ପଷ୍ଟ କାରଣ ଦର୍ଶାଇ ନୋଟିସ୍ ଦିଆଯାଇଛି। ଉଦାହରଣ ଦେଇ ସେ କହିଛନ୍ତି, କେତେକ ନୋଟିସରେ ମତଦାତା ଏବଂ ତାଙ୍କ ମାତାପିତାଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ ବ୍ୟବଧାନକୁ ଆଧାର କରାଯାଇଛି। କିନ୍ତୁ ନିର୍ବାଚନ କମିଶନ ମାଗିଥିବା ୧୨ଟି ଦସ୍ତାବିଜରେ ମାତାପିତାଙ୍କ ବୟସ ସମ୍ପର୍କିତ ତଥ୍ୟ ନାହିଁ। ଏପରି ସ୍ଥିତିରେ ମତଦାତା ଏହି ଆପତ୍ତିର ଜବାବ କିପରି ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ ଡି.ଏସ୍. ନାଇଡୁ କହିଛନ୍ତି ଯେ, ପ୍ରାୟ ୧୪ ହଜାର ବିଏଲଓ ଏବଂ ୧,୨୦୦ଇଆରଓ ନିରନ୍ତର କାର୍ଯ୍ୟ କରୁଛନ୍ତି। ମତଦାତାମାନଙ୍କ ପାଖରେ ୨୯ ଅକ୍ଟୋବର ପର୍ଯ୍ୟନ୍ତ ଜବାବ ଦେବାର ସୁଯୋଗ ରହିଛି। ଆବଶ୍ୟକ ହେଲେ ସମୟସୀମା ବଢ଼ାଇବା ନେଇ ମଧ୍ୟ ବିଚାର କରାଯାଇପାରେ। ନାଇଡୁ କୋର୍ଟଙ୍କୁ ଆଶ୍ୱାସନ ଦେଇ କହିଛନ୍ତି ଯେ, "କୌଣସି ମତଦାତାଙ୍କୁ ଉପଯୁକ୍ତ କାରଣ ବିନା ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ।" ଶୁଣାଣି ସମୟରେ ମୁଖ୍ୟ ବିଚାରପତି କହିଛନ୍ତି ଯେ, ମତଦାତାଙ୍କ ଭରସା ବଢ଼ାଇବା ପାଇଁ କିଛି ପଦକ୍ଷେପ ଆବଶ୍ୟକ। ଯଦି ୧୫ରୁ ୨୦ ପ୍ରକାରର ଆପତ୍ତି ଆସୁଛି, ତେବେ ପ୍ରତ୍ୟେକ ପ୍ରକାରର ଆପତ୍ତି ପାଇଁ ଏକ ମାନକ ଉତ୍ତର ପ୍ରସ୍ତୁତ କରାଯାଇପାରେ। ଏହାକୁ ଦେଖି ଲୋକମାନେ କେଉଁ ତଥ୍ୟ ଦେବା ଯଥେଷ୍ଟ ହେବ, ତାହା ବୁଝିପାରିବେ। ଜଷ୍ଟିସ୍ ବାଗଚୀ ପ୍ରସ୍ତାବ ଦେଇଛନ୍ତି ଯେ, ବିଏଲଓମାନଙ୍କୁ ୱାର୍ଡ କାର୍ଯ୍ୟାଳୟରେ ଉପଲବ୍ଧ ରହିବାକୁ କୁହାଯାଇପାରେ। ଏହାଦ୍ୱାରା ଲୋକମାନେ ସେଠାକୁ ଯାଇ ସିଧାସଳଖ ସହାୟତା ପାଇପାରିବେ। ଏହା ଉପରେ ନିର୍ବାଚନ କମିଶନ କହିଛନ୍ତି ଯେ, ଏଭଳି କ୍ୟାମ୍ପ ଆୟୋଜନ କରାଯାଉଛି।

## ବନ୍ଦେ ମାତରମ୍ ଗାନକୁ ବିରୋଧ କରୁଥିବା ଆବେଦନ ମାମଲା କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୨।୯: 'ବନ୍ଦେ ମାତରମ୍'ର ଛଅଟି ପଦ ଗାନକୁ ବାଧ୍ୟତାମୂଳକ କରୁଥିବା ଆଇନକୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡିଛନ୍ତି। କର୍ଣ୍ଣାଟକୀ କଣ୍ଠଶିଳ୍ପୀ ଟି.ଏମ୍. କୃଷ୍ଣା ଏହି ଆବେଦନ ଦାଖଲ କରିଛନ୍ତି। ବନ୍ଦେ ମାତରମର ଚାରୋଟି ପଦ ସ୍ପଷ୍ଟ ଭାବରେ ହିନ୍ଦୁ ଦେବତାମାନଙ୍କ ପ୍ରତି ଭକ୍ତି ଆହ୍ୱାନ କରେ, ଏବଂ ସେହି ଅଂଶଗୁଡ଼ିକୁ ଗାନ କରିବାକୁ ବାଧ୍ୟତାମୂଳକ କରିବା ଦେଶର ଧର୍ମନିରପେକ୍ଷ ଚରିତ୍ରକୁ ଉଲ୍ଲଂଘନ କରୁଛି ବୋଲି କୃଷ୍ଣା ଉଲ୍ଲେଖ କରିଛନ୍ତି। ଆବେଦନରେ କୁହାଯାଇଛି ଯେ, ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ ଅଧୀନରେ ବନ୍ଦେ ମାତରମକୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଶୋଧନ ଏକାନ୍ତ ସ୍ୱେଚ୍ଛାଚାରୀ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ କରୁଛି ଏବଂ ଏକ ସଂଖ୍ୟାଗରିଷ୍ଠ ଧାର୍ମିକ ବାର୍ତ୍ତାକୁ ସୂଚିତ କରୁଛି। ସୁପ୍ରିମକୋର୍ଟ କହିଛନ୍ତି, ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ। ଏହା ସହ ସମ୍ବିଧାନର ଧାରା ୨୫ ଏବଂ ୨୬ ଅନୁଯାୟୀ ମୌଳିକ ଅଧିକାର ସମ୍ପର୍କରେ ଦଣ୍ଡନୀୟ ପରିଣାମ ସମ୍ପର୍କରେ ବିଚାର କରାଯିବା ଜରୁରୀ। ସମ୍ବିଧାନର ଏହି ଧାରା ଧର୍ମ ସ୍ୱାଧୀନତାର ମୌଳିକ ଅଧିକାରକୁ ସୁନିଶ୍ଚିତ କରେ, ବ୍ୟକ୍ତିଗତ ଏବଂ ସାମୂହିକ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ଦିଏ।


## ୧୨ ରାଜ୍ୟସଭା ଏବଂ ୨୮ ଏମଏଲସି ଆସନ ପାଇଁ ନିର୍ବାଚନ : ଅକ୍ଟୋବର ୨୩ରେ ମତଦାନ

ନୂଆଦିଲ୍ଲୀ,୨୨।୯: ନିର୍ବାଚନ କମିସନ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶରେ ୨୮ ବିଧାନ ପରିଷଦ(ଏମଏଲସି) ଆସନରେ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହି ଆସନଗୁଡ଼ିକ ପାଇଁ ମତଦାନ ଅକ୍ଟୋବର ୨୩ ତାରିଖରେ ହେବ। ଭୋଟ୍ ଗଣତି ଅକ୍ଟୋବର ୨୭ ତାରିଖରେ ହେବ । ଏମଏଲସି ଆସନରେ ସ୍ନାତକ ଏବଂ ଚାରିଟି ଶିକ୍ଷକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରାଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୧୧ ବିହାରର ୮, ମହାରାଷ୍ଟ୍ରର ୫ ଏବଂ କର୍ଣ୍ଣାଟକର ୪ ଆସନ ରହିଛି। ଏହା ସହିତ ନିର୍ବାଚନ କମିସନ ଉତ୍ତର ପ୍ରଦେଶର ୧୦, ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଘୋଷଣା କରିଛନ୍ତି। ସେହପରି ପଶ୍ଚିମବଙ୍ଗରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ। ଏହି ସମସ୍ତ ଆସନ ପାଇଁ ମତଦାନ ୧୬ ଅକ୍ଟୋବରରେ ହେବ ଏବଂ ସେହି ଦିନ ଭୋଟ୍ ଗଣତି କରାଯିବ।

## ୫ ବର୍ଷରେ ୫୩ ଆଇଆଇଟି ଛାତ୍ରଙ୍କ ମୃତ୍ୟୁ


ନୂଆଦିଲ୍ଲୀ,୨୨।୯: ଆଇଆଇଟି ବମ୍ବେ ଛାତ୍ର ଆତ୍ମହତ୍ୟା ଘଟଣାକୁ ନେଇ ବିବାଦ ତୀବ୍ର ହୋଇଥିବାବେଳେ ଏହା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷରେ ଦେଶର ବିଭିନ୍ନ ଆଇଆଇଟିରେ ୫୩ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୪୫ଟି ଆତ୍ମହତ୍ୟା ମାମଲା ହୋଇଥିବାବେଳେ ୮ଟି ଅସ୍ୱାଭାବିକ ମୃତ୍ୟୁ ମାମଲା ରହିଛି ।ଉଚ୍ଚ ଶିକ୍ଷା ବିଭାଗର ଅନୁଶାସନ ସଚିବ ନୀଲେଶ ଚନ୍ଦ୍ର ଶ୍ରୀବାସ୍ତବ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ପାଇଁ ୨୦୨୫ ଡିସେମ୍ବର ୧ରେ ସମସ୍ତ ଆଇଆଇଟିକୁ ଚିଠି ଲେଖିଥିଲେ।

## ଜାତିସଂଘରେ ଧମକାଇଲେ ଟ୍ରମ୍ପ୍ ଚୁକ୍ତି ହେବ ନ ହେଲେ ଇରାନ୍ ସମ୍ପୂର୍ଣ୍ଣ ଧ୍ୱଂସ ହେବ



ୱାସିଂଟନ୍,୨୨।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ୮୧ତମ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ୩୭ ମିନିଟର ଉଦବୋଧନରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ଇରାନ୍ ବିରୋଧରେ ଆହୁରି ସାମରିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିବା ସହ ୭ ମାସର ଆମେରିକା-ଇରାନ୍ ଯୁଦ୍ଧ ଇରାନକୁ ପରମାଣୁ ଶକ୍ତି ହାସଲରୁ ଅଟକାଇଛି ଏବଂ ମଧ୍ୟପ୍ରାଚ୍ୟରେ ଏହାର ସ୍ଥିତି ଦୁର୍ବଳ କରିଛି ବୋଲି ଦାବି କରିଛନ୍ତି। ତେବେ ନଭେମ୍ବର ୩ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ଆମେରିକା ଓ ଇରାନ୍ ମଧ୍ୟରେ ଚୁକ୍ତି ହୋଇପାରେ ବୋଲି ଟ୍ରମ୍ପ୍ ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଇରାନ୍ ସହ ଏକ ଚୁକ୍ତି ହୋଇପାରେ, ନଚେତ୍ ଇସଲାମିକ୍ ରିପବ୍ଲିକକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯିବ। ଇରାନ୍ ଉପରେ ଅର୍ଥନୈତିକ ଚାପ ବଢ଼ାଇବାକୁ ସେ ଅନ୍ୟ ଦେଶଗୁଡ଼ିକୁ ଅନୁରୋଧ କରିବା ସହ ଇରାନ୍ ଆତଙ୍କବାଦୀ କାର୍ଯ୍ୟକଳାପର ପୃଷ୍ଠପୋଷକ ବୋଲି ଅଭିଯୋଗ କରିଛନ୍ତି। ବାଣିଜ୍ୟିକ ଜାହାଜ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିଥିବାରୁ ସେ ଜାତିସଂଘ ସୁରକ୍ଷା ପରିଷଦକୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଦୀର୍ଘଦିନର ଯୁଦ୍ଧ ଯୋଗୁଁ ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଥିବା ଖବରକୁ ଟ୍ରମ୍ପ୍ ଖଣ୍ଡନ କରିଛନ୍ତି। ଆମେରିକା ରେକର୍ଡ ସ୍ତରରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରୁଛି ଏବଂ ନୂଆ ଅସ୍ତ୍ରଶସ୍ତ୍ର କେନ୍ଦ୍ର ନିର୍ମାଣ କରୁଛି ବୋଲି ସେ କହିଛନ୍ତି।

## ଭିଟୋ ହଟାଇବାକୁ ଏର୍ଦୋଗାନଙ୍କ ଦାବି



ନୂଆଦିଲ୍ଲୀ,୨୨।୯: ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ୍ ଜାତିସଂଘ ସୁରକ୍ଷା ପରିଷଦର ପୁନର୍ଗଠନ ପାଇଁ ଏକ ବଡ଼ ପ୍ରସ୍ତାବ ରଖିଛନ୍ତି। ସୁରକ୍ଷା ପରିଷଦରୁ ସ୍ଥାୟୀ ସଦସ୍ୟମାନଙ୍କ 'ଭିଟୋ କ୍ଷମତା' ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରି ଏକ ସମ୍ପୂର୍ଣ୍ଣ ନିର୍ବାଚିତ ପରିଷଦ ଗଠନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଯେଉଁ ସମୟରେ ଭାରତ ସୁରକ୍ଷା ପରିଷଦର ସମ୍ପ୍ରସାରଣ ସହ ଭିଟୋ କ୍ଷମତା ସହିତ ସ୍ଥାୟୀ ସଦସ୍ୟତା ଦାବି କରୁଛି, ସେହି ସମୟରେ ଏର୍ଦୋଗାନଙ୍କ ଏହି ପ୍ରସ୍ତାବ ଭାରତର କୂଟନୈତିକ ପ୍ରୟାସ ପାଇଁ ନୂଆ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଏର୍ଦୋଗାନଙ୍କ ପ୍ରସ୍ତାବ ଅନୁସାରେ, ସୁରକ୍ଷା ପରିଷଦର ସମସ୍ତ ସଦସ୍ୟ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ହେବା ଉଚିତ୍ ଏବଂ ସେମାନଙ୍କର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ରହିବା ଆବଶ୍ୟକ। ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ଆଶାୟୀ ଦେଶଗୁଡ଼ିକୁ ପୁଣିଥରେ ବହୁମତ ସମର୍ଥନ ହାସଲ କରିବାକୁ ପଡ଼ିବ, ଯାହାଫଳରେ ସୁରକ୍ଷା ପରିଷଦ ଉପରେ ସାଧାରଣ ସଭାର ନିୟନ୍ତ୍ରଣ ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। କୌଣସି ଗୋଟିଏ କିମ୍ବା କିଛି ନିର୍ଦ୍ଦିଷ୍ଟ ଦେଶ ହାତରେ ସମଗ୍ର ଅନ୍ତର୍ଜାତୀୟ ସମୁଦାୟର ନିଷ୍ପତ୍ତିକୁ ଅଟକାଇବାର ସ୍ଥାୟୀ କ୍ଷମତା ରହିବା ଅନୁଚିତ୍ ବୋଲି ସେ ଦର୍ଶାଇଛନ୍ତି। ସୁରକ୍ଷା ପରିଷଦର ବର୍ତ୍ତମାନର ଢାଞ୍ଚାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଏକ ପୁରୁଣା ବ୍ୟବସ୍ଥା ବୋଲି ଅଭିହିତ କରି ଏର୍ଦୋଗାନ୍ କହିଛନ୍ତି ଯେ, "ସମଗ୍ର ବିଶ୍ୱ କେବଳ ପାଞ୍ଚଟି ଦେଶ ମଧ୍ୟରେ ସୀମିତ ନୁହେଁ।" କେବଳ କିଛି ନୂତନ ସଦସ୍ୟଙ୍କୁ ଯୋଡ଼ି ସୁରକ୍ଷା ପରିଷଦ ସମ୍ପ୍ରସାରଣ କଲେ ପ୍ରକୃତ ପରିବର୍ତ୍ତନ ଆସିବ ନାହିଁ, କାରଣ ନିଷ୍ପତ୍ତି ନେବାର ଚୂଡ଼ାନ୍ତ କ୍ଷମତା ସେହି କିଛି ହାତଗଣତି ଦେଶଙ୍କ ପାଖରେ କେନ୍ଦ୍ରୀଭୂତ ରହିବ। ଏସିଆର ବଢୁଥିବା ଅର୍ଥନୈତିକ ପ୍ରଭାବ ଏବଂ ଆଫ୍ରିକୀୟ ଦେଶଗୁଡ଼ିକର ଉଚିତ୍ ପ୍ରତିନିଧିତ୍ୱ ପାଇଁ ସୁରକ୍ଷା ପରିଷଦର ମୂଳଦୁଆରେ ବ୍ୟାପକ ସଂସ୍କାର ଜରୁରୀ ବୋଲି ସେ ଜୋର ଦେଇଛନ୍ତି।


## ମୁଖ୍ୟମନ୍ତ୍ରୀ ବିଜୟ ସରକାରୀ ସ୍କୁଲ ପରିଦର୍ଶନ କଲେ ତଳେ ଚଟେଇରେ ବସି ପିଲାମାନଙ୍କ ସହିତ ଖାଇଲେ ଜଳଖିଆ




ଚେନ୍ନାଇ,୨୨।୯: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ପୁଣି ଥରେ ତାଙ୍କର ସରଳ ଶୈଳୀରେ ଲୋକଙ୍କ ହୃଦୟ ଜିତିଛନ୍ତି। ତିରୁବନମିୟୁରର ଗାନ୍ଧୀ ଗ୍ରାମମ୍ରେ ସରକାରୀ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି, ମୁଖ୍ୟମନ୍ତ୍ରୀ ବିଜୟ ସ୍କୁଲ ପିଲାମାନଙ୍କ ପାଇଁ ମାଗଣା ଜଳଖିଆ ଯୋଜନାର ବିସ୍ତାର କରିବା ସହ ପିଲାମାନଙ୍କ ସାଙ୍ଗରେ ତଳେ ବସି ଜଳଖିଆ ଖାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି, ଏବଂ ଲୋକମାନେ ତାଙ୍କର ସମ୍ପୃକ୍ତିକୁ ପ୍ରଶଂସା କରୁଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ତିରୁବନମିୟୁରର ଏକ ସରକାରୀ ସ୍କୁଲରେ ପେରୁନ୍ତଲାଇଭର କାମରାଜର ମାଗଣା ଜଳଖିଆ ଯୋଜନାର ବିସ୍ତାରିତ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ ଏହି ଯୋଜନାକୁ ପେରୁନ୍ତଲାଇଭର କାମରାଜର ମାଗଣା ଜଳଖିଆ ଯୋଜନା ନାମ ଦିଆଯାଇଛି। ଏହି ଯୋଜନାର ବିସ୍ତାର ସହିତ, ରାଜ୍ୟ ସାରା ସରକାରୀ ସ୍କୁଲରେ ହଜାର ହଜାର ଅଧିକ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଏବେ ପୁଷ୍ଟିକର ଏବଂ ଗରମ ଜଳଖିଆ ଯୋଗାଇ ଦିଆଯିବ।

### ଜାତିସଂଘରେ ଜୟଶଙ୍କରଙ୍କ ଭାଷଣ

# ସଙ୍କଟର ମୁକାବିଲା ପାଇଁ ବିଶ୍ୱକୁ ଏକଜୁଟ ହେବାକୁ ପଡିବ




ନ୍ୟୁୟର୍କ,୨୨।୯: ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱ ବ୍ୟବସ୍ଥାରେ ବଢୁଥିବା ଉତ୍ତେଜନା ଏବଂ ଭୂରାଜନୈତିକ ପ୍ରତିଯୋଗିତା ମଧ୍ୟରେ ବହୁପାକ୍ଷିକତାକୁ ମଜବୁତ କରିବା ପାଇଁ ଦୃଢ଼ ସମର୍ଥନ କରିଛନ୍ତି । 'ପାର୍ଟନର୍ସ ଫର୍ ମଲ୍ଟିଲାଟ୍ରାଜିମ୍' ସମ୍ମିଳନୀରେ, ଜୟଶଙ୍କର କହିଛନ୍ତି, ବିଶ୍ୱ ଶାନ୍ତି, ସୁରକ୍ଷା, ଜଳବାୟୁ, ଆତଙ୍କବାଦ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ଭଳି ପ୍ରମୁଖ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଯାହାକୁ କେବଳ ମିଳିତ ଭାବରେ କାମ କରି ସମାଧାନ କରାଯାଇପାରିବ। ସେ ଜାତିସଂଘ ସମେତ ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ଅଧିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ସଂଶୋଧିତ ବହୁପାକ୍ଷିକତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଜୟଶଙ୍କର କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ବଡ଼ ସାଂରଚନିକ ପରିବର୍ତ୍ତନ ଦେଇ ଗତି କରୁଛି। ଗତ କିଛି ଦଶନ୍ଧି ଧରି, ବିଶ୍ୱ କ୍ଷମତା ସନ୍ତୁଳନ ଧୀରେ ଧୀରେ ପରିବର୍ତ୍ତନ ହେଉଛି। ତୀବ୍ର ପ୍ରତିଯୋଗିତା, ଭୂରାଜନୈତିକ ଉତ୍ତେଜନା ଏବଂ ସଂଘର୍ଷ ଏହି ପରିବର୍ତ୍ତନକୁ ଆହୁରି ତୀବ୍ର କରିଛି। ଯଦି ଏହି ପରିସ୍ଥିତିର ସମାଧାନ କରାନଯାଏ, ତେବେ ଅନ୍ତର୍ଜାତୀୟ ସହଯୋଗର ଭାବନା ଉପରେ ପ୍ରଶ୍ନ ଉଠିପାରେ। ତେଣୁ, ବର୍ତ୍ତମାନର ଯୁଗରେ ବହୁପାକ୍ଷିକତାକୁ ଦୃଢ଼ ଭାବରେ ନିଜର ଭୂମିକା ଗ୍ରହଣ କରିବାକୁ ପଡିବ। ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା କେବଳ କୂଟନୈତିକ ଆଲୋଚନା ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ବିଶ୍ୱ ଶାନ୍ତି, ସୁରକ୍ଷା ଏବଂ ବିକାଶ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବିଶ୍ୱ ଶାନ୍ତି ଏବଂ ଅନ୍ତର୍ଜାତୀୟ ସୁରକ୍ଷା, ଜଳବାୟୁ କାର୍ଯ୍ୟ ଏବଂ ଜଳବାୟୁ ନ୍ୟାୟ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିକାଶ ପାଇଁ ଆର୍ଥିକ ସହାୟତା, ଆତଙ୍କବାଦ ମୁକାବିଲା, ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ବିପର୍ଯ୍ୟୟ ପରିଚାଳନା ଏବଂ ଭବିଷ୍ୟତର ମହାମାରୀ ପାଇଁ ପ୍ରସ୍ତୁତି ଭଳି ପ୍ରସଙ୍ଗର ସମାଧାନ ଦେଶଗୁଡ଼ିକର ଏକାଠି କାମ କରିବାର ଇଚ୍ଛା ଉପରେ ନିର୍ଭର କରେ। ଆନ୍ତର୍ଜାତୀୟ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ଯାହା ବି ସଫଳତା ମିଳିଛି, ତାହା ସମସ୍ତଙ୍କର ସାମୂହିକ ପ୍ରୟାସର ଫଳାଫଳ। ତେଣୁ, ଆମକୁ ହାସଲ ହୋଇଥିବା ଭଲକାର୍ଯ୍ୟକୁ ସୁରକ୍ଷିତ କରି ଆଗକୁ ଏକ ଉନ୍ନତ ବ୍ୟବସ୍ଥା ଗଠନ କରିବାକୁ ପ୍ରୟାସ କରିବାକୁ ପଡିବ।

# ୭ ଗାଡି ଉପରେ ମାଡିଗଲା ଆଇଚର, ଡ୍ରାଇଭରଙ୍କୁ କାବୁକଲା ପୋଲିସ

ଭୁବନେଶ୍ୱର(ନି.ପ୍ର): ରାଜଧାନୀର ଇନ୍‌ଫୋସିଟି ଛକ ନିକଟରେ ୭ଟି ଗାଡି ଉପରେ ଏକ ଦ୍ରୁତଗାମୀ ଆଇଚର ମାଡିଯାଇଛି। ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଗାଡି ମଧ୍ୟରେ ୬ଟି ଦୁଇ ଚକିଆ ଯାନ ଏବଂ ୨ଟି ଅଟୋ ରହିଛି। ତେବେ ସୌଭାଗ୍ୟବଶତଃ ଗାଡିଗୁଡିକରେ କିମ୍ବା ନିକଟରେ କୌଣସି ଲୋକ ନଥିବାରୁ କେହି ମୃତାହତ ହୋଇନାହାନ୍ତି। ଖବରପାଇ ଇନ୍‌ଫୋସିଟି ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆଇଚରକୁ ଜବତ କରି ଥାନାକୁ ନେଇଛି। ଏଥିସହ ଡ୍ରାଇଭରଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଡ୍ରାଇଭର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥାଇ ଏହି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଦନ୍ତ ଜାରି ଜାରି ରଖିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟିଥିବା ରାସ୍ତା କଡରେ ଗାଡିଗୁଡିକ ପାର୍କିଂ ହୋଇଥିଲା। ସେହି ସ୍ଥାନରେ କିଛି ଡେଲିଭରି ବଏଙ୍କ ବାଇକ ମଧ୍ୟ ରହିଥିଲା। ଅପରାହ୍ନ ପ୍ରାୟ ୩ଟା ୩୦ ସମୟରେ ଆଇଚରଟି ଇନ୍‌ଫୋସିଟି ପାର୍ଶ୍ୱରୁ ଆସି ହଠାତ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। କ୍ଷତିଗ୍ରସ୍ତ ଗାଡି ମାଲିକମାନେ ହୋହଲ୍ଲା କରିବା ସହ ଉତକ୍ଷିପ୍ତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଖବରପାଇ ପୋଲିସ ଟିମ୍ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲା। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଇନ୍‌ଫୋସିଟି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି, ଏଯାଏ ଥାନାରେ କୌଣସି ରିପୋର୍ଟ ହୋଇନାହିଁ। ଚାଳକଙ୍କୁ ପଚରାଉଚରା କରାଯାଉଛି। ପ୍ରକୃତରେ ଦୁର୍ଘଟଣା କେମିତି ଏବଂ କେଉଁ ପରିସ୍ଥିତିରେ ଘଟିଲା ତାହା ଜାଣିବାକୁ ପ୍ରୟାସ ଚାଲିଛି। ଡ୍ରାଇଭର ଜଣକ ନିଶାସକ୍ତ ଥିଲେ କି ନାହିଁ ଟେଷ୍ଟ ପରେ ଜଣାପଡିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୩ ତାରିଖ ପ୍ରତ୍ୟୁଷରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଏକ ସିରିଜ ଦୁର୍ଘଟଣା ଘଟିଥିଲା। ଦ୍ରୁତ ଗତିରେ ଆସି ଏକ କାର୍ ୩ଟି କାର ଓ ୨ଟି ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୫ ଜଣ ଗୁରୁତର ହୋଇଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

କଟକ,୨୨।୯(ନିପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବରଗଡ଼ ଜିଲ୍ଲା କଟାଭାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ବାସଭବନ ସମେତ ୬ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କଠାରୁ ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଏଯାବତ ଠାବ ହୋଇଥିବା ତାଙ୍କ ସଂପତ୍ତି ମଧ୍ୟରେ ରହିଛି ୩୦ଟି ପ୍ଲଟ୍, ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଓ ଗୋଟିଏ ଗୋଦାମ ରହିଛି ଓ ତାଙ୍କ ଘରୁ ନଗଦ ୨ ଲକ୍ଷ ୯୮ ହଜାର ୧୭୭ ଟଙ୍କା ଜବତ କରାଯାଇଛି। ପିଇଓ କାର୍ତ୍ତିକେଶ୍ୱର ବେହେରାଙ୍କ ଦୁଇଟି ବହୁତଳ କୋଠା ମଧ୍ୟରୁ ଗୋଟିଏ ଗାଇସିଲେଟ ନିକଟସ୍ଥ କନ୍ଦାଗାଡ଼ରେ ଅଛି, ଯାହା ପ୍ରାୟ ୪୮୦୦ ବର୍ଗଫୁଟ ଜାଗା ଉପରେ ନିର୍ମାଣ ହୋଇଛି। ସେହିପରି ଗାଇସିଲଟରେ ତାଙ୍କର ଏକ ୪ ମହଲା କୋଠା ନିର୍ମାଣାଧୀନ ରହିଛି।



କନ୍ଦାଗାଡ଼ରେ ତାଙ୍କର ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଏହା ୨୪୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ସେହିପରି ସେଠାରେ ତାଙ୍କର ଏକ ଗୋଦାମ ଅଛି, ଯାହା ୧୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତାଙ୍କର ପ୍ଲଟଗୁଡ଼ିକ ଗାଇସିଲଟ ଓ କନ୍ଦାଗାଡ଼ରେ ଅଛି। ଏଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି। ଏସବୁ ବାଦ୍ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ରହିଛି। ସେଗୁଡ଼ିକର ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ମାସିକ ୫୨ ହଜାର ୩୨୦ ଟଙ୍କା ବେତନ ପାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରା ଗାଇସିଲେଟ ପଞ୍ଚାୟତର ସେକ୍ରେଟାରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୫୦୦ ଟଙ୍କା। ୨୦୦୯ରେ ସେ ଭିଏଲଡବ୍ଲ୍ୟୁ ଭାବେ ପଦୋନ୍ନତି ପାଇଥିଲେ। ୨୦୧୨ରେ ସେ ପିଇଓ ହେଲେ। ୨୦୨୪ରୁ ସେ କଟାଭାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ସହିତ ତାଙ୍କୁ ଗାଇସିଲେଟ ବ୍ଲକ୍‌ର ଫିରିଙ୍ଗମାଲ ସମେତ ଆଉ ଏକ ଗ୍ରାମ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ସେ ବରଗଡ଼ ଜିଲ୍ଲାରେ ୩୦ରୁ ଅଧିକ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି।

### ସୌରୀନ୍ ଭଟ୍ଟଙ୍କ ପାଇଁ ବଢ଼ିଲା ଅଡୁଆ

# କଲିକତା ପୁଲିସକୁ ଚିଠି ଲେଖିଲା କଟକ ମହିଳା ଥାନା



କଟକ(ନିପ୍ର): ବଲିଉଡ୍ କଣ୍ଠଶିଳ୍ପୀ ସୌରୀନ୍ ଭଟ୍ଟଙ୍କ ପାଇଁ ବଢ଼ିଲା ଅଡୁଆ । ଯେକୌଣସି ସମୟରେ ଗିରଫ ହୋଇପାରନ୍ତି ସୌରୀନ୍। ତାଙ୍କ ବିରୋଧରେ ପୂର୍ବରୁ ଜାରି ହୋଇଥିବା ଜାମିନ ବିହୀନ ଗିରଫ ପରୱାନା ବା ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ କଲିକତା ବାଲିଗଞ୍ଜ ଥାନାକୁ ଇ-ମେଲ୍ କରିଛି କଟକ ମହିଳା ଥାନା । ସୌରୀନ୍ ଭଟ୍ଟଙ୍କ ବିରୋଧରେ ଜାରି ହୋଇଥିବା ୱାରେଣ୍ଟ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ବାଲିଗଞ୍ଜ ଥାନାକୁ ପଠାଇଛି କଟକ ମହିଳା ଥାନା । ସୌରୀନ୍ ରହୁଥିବା ଠିକଣା ଅନ୍ତର୍ଗତ ବାଲିଗଞ୍ଜ ଥାନା ଆଇଆଇସିଙ୍କୁ ଏନେଇ ଅବଗତ କରାଯାଇଛି । ସ୍ଥାନୀୟ ଥାନା ସହ ଯୋଗାଯୋଗ କରି ସୌରୀନ୍ ଭଟ୍ଟଙ୍କୁ ଗିରଫ କରି କୋର୍ଟରେ ହାଜର କରିବାକୁ କଟକ ମହିଳା ଥାନା ପକ୍ଷରୁ କୁହାଯାଇଛି। ଏବେ ବାଲିଗଞ୍ଜ ଥାନା କେବେ ସୌରୀନ୍‌ଙ୍କ ବିରୋଧରେ ପଦକ୍ଷେପ ନେଉଛି, ତାହା ଉପରେ ନଜର । ସୂଚନା ଅନୁସାରେ, ନିମ୍ନ ଅଦାଲତରେ ବାରମ୍ବାର ସମୟ ନେଇ ହାଜର ନ ହେବାରୁ ସୌରୀନ୍ ଭଟ୍ଟଙ୍କ ବିରୋଧରେ ଜାରି ହୋଇଥିବା ଜାମିନବିହୀନ ଗିରଫ ପରୱାନା ବା ଏନବିଡବ୍ଲୁ ଉପରେ ହାଇକୋର୍ଟ ପୂର୍ବରୁ ଦେଇଥିବା ରହିତାଦେଶକୁ ନିକଟରେ ହଟାଇଥିଲେ । ଏହାସହ ସୌରୀନ୍‌ଙ୍କୁ ଧରି କୋର୍ଟରେ ହାଜର କରିବାକୁ ଏସଡିଜେଏମ କୋର୍ଟକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କଟକର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଏବଂ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ନ ଫେରାଇବା ଅଭିଯୋଗରେ ସୌରୀନ୍ ଭଟ୍ଟଙ୍କ ବିରୋଧରେ ମାମଲା ରହିଛି ।

# କପିଳାସ ଦର୍ଶନ ସାରି ଫେରୁଥିବା ବେଳେ ଯୁବକ ଓ ଯୁବତୀଙ୍କୁ ମାଡ଼ ଘଟଣା: ୩ ଯୁବକ ଗିରଫ

ଢେଙ୍କାନାଳ: ରାସ୍ତାରେ ଯୁବକ ଯୁବତୀଙ୍କୁ ଅଟକାଇ ମାଡ଼ ମାରିବା ଘଟଣାରେ ତିନି ଜଣ ଗିରଫ ହୋଇଛନ୍ତି । ଏହି ଘଟଣା ସମ୍ପର୍କରେ ଅଧିକ ପଚରାଉଚାରା କରୁଛି ଗଂଦିଆ ପୋଲିସ୍ । ଘଟଣାକୁ ନେଇ ଯୁବତୀ ଗଂଦିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ତିନି ଜଣ ଅଭିଯୁକ୍ତ ହେଲେ ବଣିଆଗାଁର ସରୋଜ ନାୟକ ଓ ସମୀର ନାୟକ ଓ ମନ୍ଦାର ରାୟପୁର ଗ୍ରାମର ସଂଗ୍ରାମ ରଥ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ମାଡ଼ ମାରା ଯାଇଥିବା ଯୁବକ ଯୁବତୀ କିଛି ବନ୍ଧୁ ମାନଙ୍କ ସହ କପିଳାସ ଦର୍ଶନ ପାଇଁ ଆସି ଫେରୁଥିଲେ । ଏହି ସମୟରେ ରାସ୍ତାରେ ଅନ୍ୟ ବନ୍ଧୁ ମାନଙ୍କୁ ଅପେକ୍ଷା କରିଥିଲେ ଏବଂ ରାସ୍ତା କଡ଼ରେ କଥା ବାର୍ତ୍ତା ହେଉଥିଲେ । ହେଲେ ସେଠାରେ କିଛି ଯୁବକ ତାଙ୍କୁ ମାଡ଼ ମାରିବା ସହ ଗଳି ଗୁଲଜ କରିଥିଲେ । ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ପରେ ଅଭିଯୋଗକାରୀଙ୍କ ବୟାନ ଆଧାରରେ ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଧରାଯାଇଛି । ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଅଭିନବ ସୋନକର କହିଛନ୍ତି । ଏହି ଘଟଣାଟି ଘଟିଥିଲା ଗତ ୧୮ ତାରିଖ ଢେଙ୍କାନାଳ ଜିଲ୍ଲାର ଗଂଦିଆ ଥାନା ଅନ୍ତର୍ଗତ କପିଳାସ – ଟାଙ୍ଗି ରୋଡ଼ର ଶୋରିସିଆ ପଦା ପଞ୍ଚାୟତର ଧାନରଗଡା ନିକଟରେ । ଦୁଇ ଜଣ ଯୁବକ ଯୁବତୀଙ୍କୁ ଅଟକାଇ ଅଶାଳୀନ ବ୍ୟବହାର କରିବା ସହ ମାଡ଼ ମଧ କିଛି ଲୋକ ମାରିଥିଲେ ।

# ଦେଶୀ ମଦ ବିକି ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଚନ୍ଦନ ମୁଣ୍ଡା ଓ ତାଙ୍କ ଘର ଜାଲିମୁଣ୍ଡାସାହିରେ ବୋଲି ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମଙ୍ଗଳବାର ସକାଳ ପ୍ରାୟ ୧୦ଟା ସମୟରେ ଇନଫୋସିଟି ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇଥିଲେ ଯେ, ଜାଲିମୁଣ୍ଡାସାହି ରାସ୍ତା କଡ଼ରେ ଜଣେ ବ୍ୟକ୍ତି ବେଆଇନ ଭାବେ ଦେଶୀ ମଦ ପାଉଚ୍ ବିକ୍ରି କରୁଛି। ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାକୁ କାବୁ କରିଥିଲା। ଯାଞ୍ଚ ବେଳେ ଅଭିଯୁକ୍ତ ଚନ୍ଦନ ମୁଣ୍ଡା ନିକଟରୁ ଏକ ଧଳା ଜରି ବସ୍ତାରେ ରଖାଯାଇଥିବା ୪୦୦ଟି ଦେଶୀ ମଦ ପାଉଚ୍ (ପ୍ରତି ପାଉଚ୍ ୧୦୦ ମି.ଲି., ମୋଟ ୪୦ ଲିଟର) ଜବତ କରାଯାଇଛି। ଏତେ ପରିମାଣର ମଦ ବିକ୍ରି କରିବା ନେଇ ସେ କୌଣସି ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ପାରିନଥିଲା। ପଚରାଉଚରା ବେଳେ ଅଧିକ ପଇସା ରୋଜଗାର କରିବା ଆଶାରେ ସେ ଏଭଳି ବେଆଇନ ମଦ ବେପାର କରୁଥିବା ସ୍ୱୀକାର କରିଛି।

# ସାଙ୍ଗ ନାଁରେ ଠକେଇ; ମା'ଙ୍କ ନାଁରେ ୨ଟି ଆଇଫୋନ୍ ଫାଇନାନ୍ସ କରି ବିକିଦେଲା, ଧୂର୍ତ୍ତ ଠକ ଗିରଫ



ଭୁବନେଶ୍ୱର: ବନ୍ଧୁତା ଏକ ପବିତ୍ର ସମ୍ପର୍କ, କିନ୍ତୁ କେତେବେଳେ ଏହି ବିଶ୍ୱାସ ହିଁ ସବୁଠୁ ବଡ଼ ପ୍ରତାରଣାର କାରଣ ପାଲଟିଯାଏ । ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅଞ୍ଚଳରୁ ସାଙ୍ଗ ଦ୍ୱାରା ଏଭଳି ଏକ ଜଘନ୍ୟ ଠକେଇ ଓ ବିଶ୍ୱାସଘାତକତାର ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଜଣେ ସାଙ୍ଗ ନିଜର ବନ୍ଧୁତା ଓ ବିଶ୍ୱାସର ସୁଯୋଗ ନେଇ ବନ୍ଧୁର ମା'ଙ୍କ ନାଁରେ ୨ଟି ମହଙ୍ଗା ଆଇଫୋନ୍ ଫାଇନାନ୍ସ କରି ନେଇଯିବା ସହ ଶେଷରେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ଏହି ଧୂର୍ତ୍ତ ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ୩୦ ବର୍ଷୀୟ ବିଶାଳ ଦାସ ଘର କଟକ ପୁରୀଘାଟ ଥାନା ଉପର ତେଲେଙ୍ଗା ସାହି । ଶୈଳ ପ୍ରଧାନ ଓ ତାଙ୍କ ପୁଅ ବାବୁଲ ପ୍ରଧାନ । ଉଭୟ ବାବୁଲ ଏବଂ ବିଶାଳ ଭୁବନେଶ୍ୱରରେ ଡେଲିଭରୀ ବଏ ଭାବେ କାମ କରୁଥିଲେ ଏବଂ ସେମାନଙ୍କ ଭିତରେ ବହୁତ ଭଲ ସମ୍ପର୍କ ଥିଲା । ନିଜର ଫୋନ୍ ଖରାପ ଅଛି କହି ବିଶାଳ, ବାବୁଲଙ୍କୁ ତାଙ୍କ ମା'ଙ୍କ ବାଜାଜ୍ ଫାଇନାନ୍ସ କାର୍ଡରୁ ୮୩ ହଜାର ଟଙ୍କା ମୂଲ୍ୟର ଏକ ଆଇଫୋନ୍ କିଣିଦେବାକୁ ଅନୁରୋଧ କରିଥିଲା । ବନ୍ଧୁତାକୁ ଆଖିଆଗରେ ରଖି ବାବୁଲ ଓ ତାଙ୍କ ମା' ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରି ଫୋନ୍ କିଣି ଦେଇଥିଲେ । କିଛି ଦିନ ପରେ ବିଶାଳ ପୁଣି ଏକ ଚାଲାକି କରି ଉକ୍ତ ଲୋନ୍ ଆକାଉଣ୍ଟ ବନ୍ଦ କରିବା ବାହାନାରେ ବାବୁଲ ଓ ତାଙ୍କ ମା'ଙ୍କୁ ଏକ ଦୋକାନକୁ ଡାକିଥିଲା । ସେମାନଙ୍କ ଅଜାଣତରେ ସେହି ସମାନ ଫାଇନାନ୍ସ କାର୍ଡରୁ ପୁଣି ୮୩ ହଜାର ଟଙ୍କାର ଆଉ ଏକ ନୂଆ ଆଇଫୋନ୍ କିଣି ଚମ୍ପଟ ମାରିଥିଲା । ମାତ୍ର ଗୋଟିଏ ମାସର କିସ୍ତି ସୁଝିବା ପରେ ବିଶ୍ୱାସଘାତକ ବିଶାଳ ଆଉ କୌଣସି କିସ୍ତି ଟଙ୍କା ଦେଇ ନଥିଲା । ଶେଷରେ ଫାଇନାନ୍ସ ସଂସ୍ଥା ପକ୍ଷରୁ ବାବୁଲଙ୍କ ମା'ଙ୍କ ନିକଟକୁ ଡିଫଲ୍ଟର ନୋଟିସ ଆସିବା ପରେ ସମସ୍ତ ସତ୍ୟ ସାମ୍ନାକୁ ଆସିଥିଲା । ଯେତେବେଳେ ବାବୁଲ ଏହି ବିଷୟରେ ବିଶାଳକୁ ପଚାରିଥିଲେ, ସେତେବେଳକୁ ସେ ସେହି ଦୁଇଟିଯାକ ଆଇଫୋନକୁ ଅନଲାଇନରେ ବିକ୍ରି କରି ସେହି ଟଙ୍କାକୁ ନିଜର ଅୟସ ଆରାମରେ ଖର୍ଚ୍ଚ କରି ସାରିଥିଲା । ଏହାପରେ ବାବୁଲ ଟଙ୍କା ଫେରସ୍ତ ମାଗିବାରୁ ବିଶାଳ ତାଙ୍କ ଘରେ ପଶି ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲା । ଏନେଇ ବାବୁଲଙ୍କ ମା' ମୈତ୍ରୀବିହାର ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୁଲିସ ଏକ ଠକେଇ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଏବଂ ଅଭିଯୁକ୍ତ ବିଶାଳକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ପାଣିରେ ବୁଡ଼ି ଦଶମ ଶ୍ରେଣୀ ଛାତ୍ରର ମୃତ୍ୟୁ

ଦାମନଯୋଡ଼ି: ଚାରଙ୍ଗୁଲ ପଞ୍ଚାୟତ ଭେଜାପୁଟଗ୍ରାମ ଅନ୍ତର୍ଗତ ସତସଙ୍ଗ ତ୍ରିନାଥ ବିହାର ବାସିନ୍ଦା ତଥା ଅଞ୍ଚଳର ଜଣାଶୁଣା ସୂପକାର ଅଜିତ କୁମାର ସାହୁଙ୍କ ଏକ ମାତ୍ର ପୁତ୍ର ଆଶିଷ ଓମ୍ ବିକାଶ ସାହୁଙ୍କର ରବିବାର ଅକାଳ ବିୟୋଗ ଘଟିଛି। ଖବର ନେବାରେ ଜଣାପଡିଛି ଯେ ସତସଙ୍ଗ ତ୍ରିନାଥ ବିହାରରେ ଗତ ରବିବାର ଦିନ ଶ୍ରୀଗଣେଶଙ୍କର ବିସର୍ଜନ ଉତ୍ସବ ଥିଲା। ସାହିରେ ଏହି ଉପଲକ୍ଷେ ଭୋଜି ଭାତର ଆୟୋଜନ ଚାଲିଥିଲା। ପିଲାଟି ପୂଜା ମଣ୍ଡପ ନିକଟରେ ସକାଳ ୧୧ଟା ପର୍ଯ୍ୟନ୍ତ ବାଜା, ଗୀତରେ ମସଗୁଲ ଥିଲା। କିଛି ସମୟ ପରେ ନିକଟବର୍ତ୍ତି ଗୁମାଲଗୁଡା ଗ୍ରାମ ନିକଟ ନାଳ ପାଣିରେ ପିଲାଟି ବୁଡ଼ି ଯାଇଥିବା ଖବର ମିଳିଥିଲା। ପିଲାଟି ଗାଧୋଇବାକୁ ଯାଇ ଏହି ଅଘଟଣ ଘଟିଥିବା ଶୁଣା ଯାଉଛି। ସାହି ବାସିନ୍ଦା ସଙ୍ଗେ ସଙ୍ଗେ ପିଲାଟିକୁ ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଆଶିଷ ଦାମନଯୋଡି ନାଲକୋ ଟାଉନସିପ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀର ଛାତ୍ର ଥିଲା।

# ଚାଷ ଜମିରେ କାମ କରୁଥିବା ସମୟରେ ଅଘଟଣ, ଜଣେ ଯୁବତୀ ମୃତ ଓ ୩ ଗୁରୁତର

ଟିଟିଲାଗଡ: ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୪ଟା ସମୟରେ ଚାଷ ଜମିରେ କାମ କରୁଥିବା ସମୟରେ ଘଟିଛି ଅଘଟଣ। ବଜ୍ରାଘାତ ହେବା ଯୋଗୁଁ ଘଟଣା ସ୍ଥଳରେ ଜଣେ ଯୁବତୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜାଣ ଗୁରୁତର ଆହତ ହୋଇଛନ୍ତି । ଅଭିଯୋଗ ଅନୁସାରେ ଆଜି ଟିଟିଲାଗଡ ଥାନା ଅନ୍ତର୍ଗତ ଭାଟିପଡା ଗାଁ ନିକଟ ଚାଷ ଜମି ରେ ପ୍ରାୟ ୮ ଜଣ ମହିଳା ଚାଷ କାମ କରୁଥିଲେ । ଏହି ସମୟରେ ବର୍ଷା ହେବାରୁ ବର୍ଷା ର ରକ୍ଷା ପାଇବା ପାଇଁ ମହିଳା ମାନେ ପ୍ରଥମେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ । କିଛି ସମୟ ପରେ ବର୍ଷା ଛାଡି ଯିବାରୁ ପୁଣି ମହିଳାମାନେ ଚାଷ ଜମିକୁ ଯାଇ ଘାସ ବାଛୁଥିବା ସମୟରେ ହଠାତ ବଜ୍ରାଘାତ ହୋଇଥିଲା। ଫଳରେ ସମସ୍ତ ମହିଳା ମାନେ ଚାଷ ଜମିରେ ହିଁ ଅଚେତ ହୋଇଯାଇଥିଲେ। ସମସ୍ତ ମହିଳାଙ୍କ ମଧ୍ୟରୁ କିଛି ମହିଳା ପୁଣି ଚେତା ଆସିବା ପରେ ଅନ୍ୟ ମାନକୁ ମଧ ଉଠାଇଥିଲେ। ହେଲେ ଏହି ସମୟ ମଧ୍ୟରେ ଜଣେ ୧୭ ବର୍ଷୀୟ ଝିଅର ମୃତ୍ୟୁ ହୋଇଯାଇଥିଲା । ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଟିଟିଲାଗଡ ହସପିଟାଲ ପଠାଇଥିଲେ । ହସପିଟାଲ ଯାଇଥିବା ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ହସପିଟାଲ ସ୍ଥାନାନ୍ତରିତ କରାଯାଇଛି ।


# ମହାନଦୀରେ ନିଖୋଜ ଗାଈ ଚରାଳିଙ୍କ ମୃତଦେହ ଉଦ୍ଧାର

ଭାପୁର(ନିପ୍ର): ଭାପୁର ବ୍ଲକ ପଥରଚକଡା ଗ୍ରାମର ବଳଭଦ୍ର ବେହେରାଙ୍କ ଶବ ମହାନଦୀରୁ ଦୁଇଦିନ ପରେ ମିଳିଲା। ରବିବାର ଦିନ ପଥରଚକଡା ଗ୍ରାମ ଗୋପାଳ ସାହିର ବଳଭଦ୍ର ବେହେରା ନିଜର ଗାଈ ଓ ମେଣ୍ଢା ପଲ ନେଇ ମହାନଦୀ କୂଳ ପଠାରେ ଚରାଇବା ସମୟରେ ଅସାବଧାନତାବଶତଃ ପାଣିରେ ଭାସିଯାଇଥିଲେ। ଭାପୁର ଦମକଳବାହିନୀ ବହୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ଦିନ ୧୨ଟା ସମୟରେ ମହାନଦୀର ପାଣିରେ ପଦ୍ମାବତୀ ଗ୍ରାମଠାରେ ଶବ ଭାସୁଥିବାର ଦେଖି ଗ୍ରାମବାସୀମାନେ ପୋଲିସ ଓ ଦମକଳବାହିନୀକୁ ଖବର ଦେଇଥିଲେ । ଫତେଗଡ ଥାନା ଅଧିକାରୀ ଅଜୟ ସାହୁ ଓ ଦମକଳବାହିନୀ ଶବ ଉଦ୍ଧାର କରି ବଳଭଦ୍ରଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ଡାକ୍ତରଖାନାକୁ ପଠାଇଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧୦ ଆହତ

## ଟ୍ରକ୍ ପଛରେ ପିଟିଲା ଦୁଲଦୁଲି(ଡିଜେ) ଗାଡ଼ି

କୁଚିଣ୍ଡା(ନିପ୍ର): ୫୩ ନମ୍ବର ଜାତୀୟ ରାଜପଥର ଜମନକିରା ବାଇପାସ୍ ବାବାଯୋରୀ ଛକ ନିକଟରେ ମଙ୍ଗଳବାର ଭୋରରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଦୁଲଦୁଲି ବାଦ୍ୟକାରଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦ ଜଣ ଆହତ ହୋଇଛନ୍ତି। ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ମାଲବାହୀ ଟ୍ରକ୍ ପଛରେ ଦୁଲଦୁଲି (ଡିଜେ) ଗାଡ଼ି ଜୋରରେ ପିଟି ହେବାରୁ ଏହି ଦୁର୍ଘଟଣା ଘଟିଛି। ମୃତକ ବରଗଡ଼ ଅଞ୍ଚଳର ଅଭି ସାମନି(୨୨) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସୋନପୁର ଜିଲ୍ଲା ଡୁଙ୍ଗୁରୀପାଲି ଇଚ୍ଛାପୁରର ଦୁଲୁଦୁଲି ଦଳ କେନ୍ଦୁଝର ଜିଲ୍ଲା ଶୁଆକାଠିକୁ ଗଣେଶ ବିସର୍ଜନ ପାଇଁ ଯାଇଥିଲେ। ସେଠାରୁ ବରଗଡକୁ ୩୦ ଜଣ ବାଦ୍ୟକାରଙ୍କୁ ନେଇ ଫେରୁଥିବା ବେଳେ ଭୋର ପ୍ରାୟ ୫ଟା ସମୟରେ ଜମନକିରା ବାଇପାସ ବାବାଯୋରୀ ଛକ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଠିଆ ହୋଇଥିବା ମାଲବାହୀ ଟ୍ରକ୍‌ର ପଛପଟେ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଦୁଲଦୁଲି ଗାଡ଼ିର ସମ୍ମୁଖ ଅଂଶ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଦୁର୍ଘଟଣାରେ ଗାଡ଼ିରେ ଥିବା ଅନେକ ବାଦ୍ୟକାର ଆହତ ହୋଇଥିଲେ। ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖବର ପାଇ ଜମନକିରା ପୋଲିସ ଓ ଅଗ୍ନିଶମ ବାହିନୀ ଆହତମାନଙ୍କୁ ଗାଡ଼ିରୁ ଉଦ୍ଧାର କରି ଆମ୍ବୁଲାନ୍ସ



ଯୋଗେ ଜମନକିରା ଡାକ୍ତରଖାନାକୁ ପଠାଯାଇଥିଲା। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତରଙ୍କୁ ବୁର୍ଲା ଭିମସାର ଡାକ୍ତରଖାନା ଓ ଅନ୍ୟ ଆହତମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜମନକିରା ଥାନା ପୋଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରିଛି । ଏନେଇ ଜମନକିରା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ଭୋରୁ ଜାତୀୟ ରାଜପଥରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବେଆଇନ ପାର୍କିଂ ପାଇଁ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ଏକ ଡିଜେ ଗାଡ଼ିରେ ୩୦ ଜଣକୁ ନେଇ ଯାଉଥିବା ମଧ୍ୟ ତଦନ୍ତସାପେକ୍ଷ।

### ଆସିକା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଧରପଗଡ଼

# ୧୧୫୦୦ ଲିଟର ଦେଶୀ ମଦ ଜବତ: ୭୦ହଜାର ପୋଚ ନଷ୍ଟ

ଆସିକା(ନିପ୍ର): ନିଶା ମୁକ୍ତ ଓଡିଶା ପାଳନ ଅବସରରେ ବେଆଇନ ଦେଶୀ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ସହ ଚୋରା ମଦ ଭାଟି ଉଚ୍ଛେଦ ଲକ୍ଷ୍ୟରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଓ ଜିଲ୍ଲା ଅବକାରୀ ବିଭାଗ ନିର୍ଦ୍ଦେଶ କ୍ରମେ ଚଢାଉ ଓ ଧରପଗଡ ଜୋରଦାର କରାଯାଇଛି। ଗତ ପାଞ୍ଚ ମାସ ମଧ୍ୟରେ ଉଭୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ୨୯୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗର ନୂଆ ନୀତି ଅନୁଯାୟୀ ବେଆଇନ ମଦ କାରବାର ରୋକିବା, ରାଜସ୍ୱ ସଂଗ୍ରହ ସହ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ନିଷିଦ୍ଧ ନିଶାଦ୍ରବ୍ୟର ବେଆଇନ ଚାଷ ଓ କାରବାରକୁ ଚିହ୍ନଟ କରି ନିୟମାନୁସାରେ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ଓ କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନେତୃତ୍ୱରେ ପୋଲିସ ଟିମ ଓ ଅବକାରୀ



ସୁପରିଟେଣ୍ଡେଣ୍ଟ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ସ୍କ୍ୱାଡ୍ ଇନ୍‌ସପେକ୍ଟର ପ୍ରଦୀପ କୁମାର ମହାନ୍ତି, ଓଆଇସି ଦୀପଦ୍ୟୋତାନ ବିଶ୍ୱାଳ ଓ ଆସିକା ରେଞ୍ଜ ଅବକାରୀ ଇନ୍‌ସପେକ୍ଟର ମନୀଷା ଭୋଳଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଆସିକା ଓ କୋଟିନଡ଼ା ଥାନାର ବିଭିନ୍ନ ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିଛନ୍ତି। ଆସିକା ଓ ଏହାର ଆଖପାଖ ଅଞ୍ଚଳର ବାଲିସିରା, ମୁନିଗାଡି, ଭେଟନଇ, ବାବନପୁର, ଜଗନ୍ନାଥପଲ୍ଲୀ, ଠେଙ୍ଗୋପଲ୍ଲୀ, କାଳଷଣ୍ଡପୁର, ଆଇବି ବଙ୍ଗଳା, ନିମିନା, ଗଣ୍ଡପଲ୍ଲୀ, ଅସୁରାଇପଲ୍ଲୀ, ପାକଲାପଲ୍ଲୀ, କଳିଙ୍ଗରୋଡ, କରାତଳି, କେ.ନୂଆପଲ୍ଲୀ, ଧୋବାଡି, ବଡଖୋଲି, କମାଗଡା, ଝଗଡେଇ, କ.ଲଛମନପଲ୍ଲୀ, ଶେରଗଡ ଗୋଠଗାଁ ଓ ଗାଙ୍ଗପୁର କେନାଲ ରୋଡ ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ଚଢାଉ ସମୟରେ ବେଆଇନ ଭାବେ ପ୍ରସ୍ତୁତ ଦେଶୀ ରନ୍ଧା ମଦ ଜବତ କରାଯିବା ସହ ବିପୁଳ ପରିମାଣର ମହୁଲ ଗୁଡ ମିଶ୍ରିତ ପୋଚ ନଷ୍ଟ କରାଯାଇଛି। ଆସିକା ଅବକାରୀ ଥାନା ଓ ଆସିକା ପୋଲିସ ଓ କୋଟିନଡା ପୋଲିସ ସୂଚନା ଅନୁଯାୟୀ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମୋଟ ୧୧ ୫୦୦ ଲିଟର ଚୋରା ଦେଶୀ ମଦ ଜବତ, ୭୦ ହଜାର ଲିଟର ପୋଚ ନଷ୍ଟ, ୧୫୫ ଜଣଙ୍କୁ ଗିରଫ କରିବା ସହ ୧୨ରୁ ଊର୍ଦ୍ଧ୍ୱ ଗାଡି ଜବତ କରାଯାଇଛି। ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ଜଙ୍ଗଲିଆ ଅଞ୍ଚଳରେ ଚାଲୁଥିବା ବେଆଇନ ମଦ ଭାଟିଗୁଡିକୁ ଚିହ୍ନଟ କରି ପୋଚ ନଷ୍ଟ କରିବା ସହ ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ଚଢାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ 'ନିଶା ନୁହେଁ ଜୀବନ' ଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ସେବନର ଅପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

# ୧୩ ଦିନରେ ବାଇକ ଚୋର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଏକ ବାଇକ ଚୋରି ମାମଲାର ବିଚାରକରି ଏଫଆଇଆର ରୁଜୁ ହେବାର ମାତ୍ର ୧୩ ଦିନ ମଧ୍ୟରେ ମଙ୍ଗଳବାର ଏସଡିଜେଏମ୍ ଅମିତ କୁମାର ଚୋରକୁ ଦୋଷୀ ସାବ୍ୟସ୍ତ କରିବା ସହ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି ସତ୍ୟଜିତ ଜେନା। ନୂତନ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ତ୍ୱରିତ ନ୍ୟାୟ ପ୍ରଦାନର ଏକ ଉଦାହରଣ ସୃଷ୍ଟି କରଛି। ଅଭିଯୋଗକାରୀ ସୁନିଲ କୁମାର ସ୍ୱାଇଁ ୟୁନିଟ୍-୩ ସ୍ଥିତ ପ୍ଲଟ୍ ନମ୍ବର ୩୦୫ର ଏକ ନିର୍ମାଣାଧୀନ କୋଠାରେ ଇଲେକ୍ଟ୍ରିକ୍ କାମ କରୁଥିଲେ। ଗତ ୦୪/୦୫ ତାରିଖ ରାତିରେ ସେ ନିଜର ନାଲି ଓ କଳା ରଙ୍ଗର 'ହିରୋ ପ୍ୟାସନ୍ ଏକ୍ସପ୍ରୋ' ବାଇକ୍ ଟିକୁ ବିଲ୍ଡିଂ ତଳେ ରଖିଥିଲେ। ଭୋର୍ ପ୍ରାୟ ୩ଟା ବେଳେ ସେ ବାହାରକୁ ଆସି ଦେଖିଲା ବେଳକୁ ବାଇକଟି ଚୋରି ହୋଇଯାଇଥିଲା ଏବଂ ଏନେଇ ସେ ଖାରବେଳନଗର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଗତ ୯ ତାରିଖ ସକାଳେ ଅଭିଯୋଗକାରୀ ଖବର ପାଇଥିଲେ ଯେ ଜଣେ ଅଜଣା ଯୁବକ ତାଙ୍କ ଚୋରି ବାଇକ୍ ଧରି ପ୍ରଦର୍ଶନୀ ପଡ଼ିଆ ନିକଟରେ ବୁଲୁଛି। ଖବରପାଇ ଖାରବେଳନଗର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଉକ୍ତ ଯୁବକକୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ସତ୍ୟଜିତ୍ ଜେନା ନିଜ ଦୋଷ ସ୍ୱୀକାର କରିଥିଲା ଏବଂ ପୋଲିସ ତା' ନିକଟରୁ ଚୋରି ବାଇକ୍ ଟିକୁ ଜବତ କରିଥିଲା। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ଆନୱାର ଅଲ୍ଲୀ ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରି ମାତ୍ର ୧୩ ଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଉପଅଧିନାୟକ ସ୍ମୃତି ମନ୍ଧନା ଧମାକା

# ସ୍ୱର୍ଣ୍ଣ ପଦକ ଲଢ଼େଇରେ ରଚିଲେ ଇତିହାସ

ନୂଆଦିଲ୍ଲୀ,୨୨/୦୯: ମହିଳା କ୍ରିକେଟ୍ ଦଳର ଷ୍ଟାର ସ୍ମୃତି ମନ୍ଧନା । ସ୍ମୃତି ମନ୍ଧନା କ୍ରିଜରେ ଥିବା ବେଳେ କେବଳ ରନ୍ ହୁଏନାହିଁ, ଅନେକ ରେକର୍ଡ ମଧ୍ୟ ଭାଙ୍ଗିଥାଏ । ଏସୀୟ କ୍ରୀଡ଼ାର ସ୍ୱର୍ଣ୍ଣ ପଦକ ମ୍ୟାଚରେ ମନ୍ଧନା ମଧ୍ୟ ସମାନ ପ୍ରଦର୍ଶନ କରିଥିଲେ । ଶ୍ରୀଲଙ୍କା ବିପକ୍ଷ ଫାଇନାଲ ମ୍ୟାଚରେ ମନ୍ଧନା ୨ଟି ଛକା ମାରିବା ମାତ୍ରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୧୧,୦୦୦ ରନ୍ କରିବାରେ ପ୍ରଥମ ମହିଳା କ୍ରିକେଟର ହୋଇଥିଲେ । ସ୍ମୃତି ମନ୍ଧନା ଏସିଆ କପ୍ ସମୟରେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଛନ୍ତି । ସେ ୧୦୮୬୮ ରନ୍ କରିଥିବା ମିଥାଲି ରାଜଙ୍କୁ ପଛରେ ପକାଇଛନ୍ତି । ଏବେ ମନ୍ଧନା ୧୧୦୦୦ ରନ୍ ପୂରଣ କରିଛନ୍ତି । ମନ୍ଧନା ତିନୋଟି ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ସେ ଟେଷ୍ଟରେ ୫୨.୫୩ ହାରରେ ୭୮୮ ରନ୍ କରିଛନ୍ତି । ଦିନିକିଆରେ ସେ ୧୨୦ ମ୍ୟାଚରେ ୫୪୧୧ ରନ୍ କରିଛନ୍ତି । ଏଥି ସହିତ ସେ ଟି-୨୦ରେ ୪୮୦୦ରୁ ଅଧିକ ରନ୍ କରିଛନ୍ତି ।ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ



ପଦକ ମ୍ୟାଚରେ ମଧ୍ୟ ମନ୍ଧନା ଟିମ୍ ଇଣ୍ଡିଆକୁ ଏକ ଦମଦାର ଆରମ୍ଭ ଦେଇଥିଲେ । କ୍ରିଜକୁ ଓହ୍ଲାଇବା ମାତ୍ରେ ତିନୋଟି ଛକା ମାରିଥିଲେ । ସେ ପାୱାରପ୍ଲେରେ ଭାରତର ସ୍କୋରକୁ ୬୭ ରନ୍ ରେ ପହଞ୍ଚାଇଥିଲେ । ମନ୍ଧନା ୩୦ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ମୁକାବିଲା କଥା କହିବାକୁ ଗଲେ ଭାରତ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ୍ ହରାଇ ୨୧୬ ରନ୍ କରିଥିଲା । ସ୍ମୃତି ମନ୍ଧନାଙ୍କର ମାଷ୍ଟରକ୍ଲାସ୍ ଦେଖିବାକୁ ମିଳିଥିଲା । ସେ ୪୫ ବଲ୍‌ରେ ୭୯ ରନ୍ କରିଥିଲେ । ଯେଉଁଥିରେ ୫ ଚୌକା ଏବଂ ୭ ଛକା ସାମିଲ ଥିଲା । ଏହି ମ୍ୟାଚକୁ ୧୪୭ ରନ୍‌ରେ ଜିତି ସ୍ୱର୍ଣ୍ଣ ପଦକ ଜିତିଛି ଟିମ୍ ଇଣ୍ଡିଆ । ଶ୍ରୀଲଙ୍କା ମାତ୍ର ୬୯ରେ ଅଲଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ବୋଲର ଦୀପ୍ତି ଶର୍ମା, ଶ୍ରେୟଙ୍କା ପାଟିଲ୍ ଏବଂ ଅଲରାଉଣ୍ଡର ଶେଫାଳି ବର୍ମାଙ୍କ ବୋଲିଂ ମ୍ୟାଜିକ୍ ଦେଖିବାକୁ ମିଳିଥିଲା । ଏସିଆନ ଗେମ୍ସରେ ଭାରତର ସ୍ୱର୍ଣ୍ଣ ଖାତା ଖୋଲିଛି । ଭାରତ ଡିଫେଣ୍ଡିଂ ଚାମ୍ପିଅନ ଥିଲା ଏବଂ ଏଥର ବି ଚାମ୍ପଅନ୍ ହୋଇଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ

**ଭୁବନେଶ୍ୱର, ୨୨/୯(ନିପ୍ର):** ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ବିଜେପି ସରକାର ରାଜ୍ୟର ଭବିଷ୍ୟତ ପିଢ଼ିଙ୍କ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛନ୍ତି । ଯାହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ଆନେ୍ଦାଳନ ଆରମ୍ଭ ହୋଇଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜିରେ ବର୍ଷାରେ ଭିଜି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ବିଜେଡି ଯୁବ ଛାତ୍ର ସଂଗଠନର ନେତୃମଣ୍ଡଳୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି । ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରିବା ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିପର୍ଯ୍ୟସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ସୁଧାର କରିଲେ ନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଠ୍ୟ



ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ । ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ । ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି । ପୁସ୍ତକରେ ୧୬୭୮ରୁ ଅଧିକ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଛନ୍ତି । ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିଥିବା ପ୍ରକାଶନ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଚାପ ପ୍ରୟୋଗ କରି ନିଜ ପ୍ରକାଶନ ସଂସ୍ଥାକୁ ନେଇଥିଲେ । ଉକ୍ତ ପ୍ରକାଶନ ସଂସ୍ଥାକୁ ଟଙ୍କା ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟି ଗୁଡ଼ିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିଲେ । ପିଲା ମାନଙ୍କୁ ଅପାଠୁଆ କରିବା ପାଇଁ ପୁସ୍ତକ ଗୁଡ଼ିକରେ ମାଳ ମାଳ ତ୍ରୁଟି ରହିଛି । ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି । ତାଙ୍କ ଇସ୍ତଫା ଦାବି କରିବା ସତ୍ତ୍ୱେ ମନ୍ତ୍ରୀ କିନ୍ତୁ ନିଜ ପଦ ଛାଡିନଥିବାରୁ ଆନେ୍ଦାଳନକୁ ଜୋରଦାର କରାଯାଇଛି ।




ପେନସନ ସହ ଓ ଅନ୍ୟାନ୍ୟ ଦାବିରେ ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ (ଫଟୋ-ଦିନଲିପି)

### ସୁପର ଚମ୍ପିଆନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ବାଳକ ବିଭାଗରେ ସାଇ ବିଶ୍ୱଜିତ, ବାଳିକାରେ ଅନ୍ୱେଷା ଚମ୍ପିଆନ

ତରଭା, ୨୨/୯ (ନିପ୍ର): ବରିଷ୍ଠ ନାଗରିକ ସଂଘ, ତରଭା ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାର ଏକଦିନିଆ ସୁପର ଚମ୍ପିଆନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ନକ୍‌ଆଉଟ୍ ଭିତ୍ତିକ ଏହି ପ୍ରତିଯୋଗିତାରେ ୧୫ ବର୍ଷରୁ କମ୍ ବୟସର ୧୨ ଜଣ ବାଳକ ଓ ୪ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ସାଇ ବିଶ୍ୱଜିତ ଗୁରୁ ଚମ୍ପିୟାନ ଓ ତନଓ୍ୱେସ ସାହୁ ରନର୍ସଅପ୍ ହୋଇଥିବା ବେଳେ ବାଳିକା ବିଭାଗରେ ଅନ୍ୱେଷା ସାହୁ ଚମ୍ପିଆନ ଓ ଆଲିଶା ପଣ୍ଡା ରନର୍ସଅପ୍ ହୋଇଥିଲେ। ପରେ ସାଇ ବିଶ୍ୱଜିତ ଓ ଅନ୍ୱେଷାଙ୍କ ମଧ୍ୟରେ ଅନୁଷ୍ଠିତ ସୁପର ଚମ୍ପିଆନ ମ୍ୟାଚ୍‌ରେ ସାଇ ବିଶ୍ୱଜିତ ବିଜୟୀ ହୋଇଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ମା’ ସମଲେଇଙ୍କ ଫଟୋ ସମ୍ମୁଖରେ ନଡ଼ିଆ ବାଡେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ତରଭା ତହସିଲଦାର ଶ୍ୱେତାଲିନା ମାହାଣା ମୁଖ୍ୟ ଅତିଥି ଓ ଆଇଆଇସି ଡୋଳାମଣି ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା, ଉପବିଜେତା ଓ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ସତ୍ୟନାରାୟଣ ମଲ୍ଲିଫୁଲ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜକିଶୋର ସାହୁ ବିଜେତା ଓ ଉପବିଜେତାଙ୍କୁ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ସହଯୋଗ କରିଥିବା ଏଇଏସ୍ କଲେଜ ପିଇଟି ସଞ୍ଜୀବ ସାହୁ, ବ୍ୟାଡମିଣ୍ଟନ କୋଚ୍ ପ୍ରତୀକ ସିଂଦେଓ ଓ ଷ୍ଟାଡିୟମ୍ ଜିମ୍ କୋଚ୍ ସୁବେଶ ମେହେରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ବେଦାନ୍ତ ଆଲୁମିନିୟମକୁ ଦୁଇ ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର



**ଝାରସୁଗୁଡ଼ା, ୨୨/୯ (ନିପ୍ର):** ଝାରସୁଗୁଡ଼ାରେ ଅନୁଷ୍ଠିତ ୧୪ତମ ଆନ୍ତର୍ଜାତୀୟ ବକ୍ସାଇଟ୍, ଆଲୁମିନା ଓ ଆଲୁମିନିୟମ ସମ୍ମିଳନୀ ତଥା ପ୍ରଦର୍ଶନୀ ‘ଆଇବାସ୍ ୨୦୨୬’ରେ ବେଦାନ୍ତ ଆଲୁମିନିୟମକୁ ଦୁଇଟି ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର ମିଳିଛି। ସମ୍ମିଳନୀରେ କମ୍ପାନୀ ପକ୍ଷରୁ ଗବେଷଣା, ନବସୃଜନ ଓ ବୈଷୟିକ ଦକ୍ଷତାର ପ୍ରଦର୍ଶନ କରାଯାଇଥିଲା। ବେଦାନ୍ତ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲୀକରଣ, ଆଲୁମିନା ଶୋଧନ, ଆଲୁମିନିୟମ ଗଳନ, ସ୍ଥାୟୀତ୍ୱ, ମିଶ୍ରଧାତୁ ବିକାଶ, ସମ୍ପଦ ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମତା ବୃଦ୍ଧି ଭଳି କ୍ଷେତ୍ରରେ ୨୪ଟି ବୈଷୟିକ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଏହି ପ୍ରବନ୍ଧଗୁଡ଼ିକ ଆଲୁମିନିୟମ ମୂଲ୍ୟଶୃଙ୍ଖଳାରେ ଉତ୍ପାଦନ ଉତ୍କର୍ଷ, ସମ୍ପଦର ଦକ୍ଷ ବ୍ୟବହାର ଓ ନୂତନ ପ୍ରଯୁକ୍ତି ବିକାଶ ଉପରେ କେନ୍ଦ୍ରିତ ଥିଲା। ‘ଗ୍ଲୋବାଲ୍ ଆଲୁମିନିୟମ ଆଉଟଲୁକ୍ ୨୦୩୦: ସୁରକ୍ଷିତ ସମ୍ପଦ, ଦକ୍ଷ ଶକ୍ତି ବ୍ୟବହାର ଓ ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି’ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଶିଳ୍ପପତି, ଗବେଷକ, ପ୍ରଯୁକ୍ତି ଯୋଗାଣକାରୀ, ନୀତି ନିର୍ମାତା ଓ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ। ସମ୍ପଦ ସୁରକ୍ଷା, ଶକ୍ତିର ଦକ୍ଷ ବ୍ୟବହାର ଓ ପରିପତ୍ର ଅର୍ଥନୀତି ମାଧ୍ୟମରେ ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି ନେଇ ଆଲୋଚନା ହୋଇଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୁମିନିୟମ ଶିଳ୍ପରେ ଉଦୀୟମାନ ସୁଯୋଗ ଓ ଭବିଷ୍ୟତମୁଖୀ ମୂଲ୍ୟଶୃଙ୍ଖଳା ଗଠନର ଗୁରୁତ୍ୱ ଉପରେ ମତ ରଖିଥିଲେ।

## କାଶୀନଗରଠାରେ ଏନଆରଟିଏସ ପରୀକ୍ଷା

**କାଶୀନଗର, ୨୨/୯(ନିପ୍ର):** କାଶୀନଗର ଠାରେ ଥିବା ପିଏମଶ୍ରୀ ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏନଆର ଟିଏସ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାରେ କାଶୀନଗର ଏନଏସି ଓ ବ୍ଲକରୁ ୧୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୩ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡ଼ି ରମାଦେବୀ କେନ୍ଦ୍ର ପରୀକ୍ଷା ନିୟନ୍ତ୍ରକ ହୋଇ ପରିଚାଳନା କରିଥିଲେ। କାଶୀନଗର ଠାରେ ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଲଗାତାର ବର୍ଷା ହେଉଥିବା ସତ୍ତ୍ୱେ ବହୁ ଛାତ୍ରଛାତ୍ରୀ କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ଆଗ୍ରହ ଦେଖେଇଥିଲେ।

## ଟ୍ରେନ ଧକ୍କାରେ ଯୁବ ଡାକ୍ତର ମୃତ

ଭୁବନେଶ୍ୱର, ୨୨।୯ : ଟ୍ରେନ୍ ଧକ୍କାରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ । ମୃତକ ଜଣକ ହେଲେ ଡେଣ୍ଟିଷ୍ଟ ଡାକ୍ତର ଅମୃତ ଜେନା। କଳାରାହାଙ୍ଗ ଲେଭଲ୍ କ୍ରସିଂ ନିକଟରେ ହୋଇଛି ଅଘଟଣ। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ ଡାକ୍ତର ଅମୃତ ଜେନା । ଡାକ୍ତର ଜଣକ ରେଳ ଲାଇନ୍ ପାର୍ ହେଉଥିବା ବେଳେ ଟ୍ରେନ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏଥିସହ ଡାକ୍ତରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। କ୍ୟାପିଟାଲ୍ ହସ୍ପିଟାଲରେ ଚାଲିଛି ପୋଷ୍ଟମର୍ଟମ୍ ପ୍ରକ୍ରିୟା ହେବ ଆରମ୍ଭ। ପ୍ରାଥମିକ ତଦନ୍ତରେ ଦୁର୍ଘଟଣା ହୋଇଥିବା ପୋଲିସ ଅନୁମାନ କରୁଛି।

## ୧୦ ଲକ୍ଷ ବର୍ଗଫୁଟ ପରିସର ସଫା କରିବ ଏମ୍‌ସିଏଲ

ସମ୍ବଲପୁର, ୨୨/୯ (ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଭାରତ ସରକାରଙ୍କ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ୧୦ ଲକ୍ଷ ବର୍ଗଫୁଟରୁ ଅଧିକ ପରିସର ସଫା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟାଳୟ, କଲୋନୀ ଓ ବିଭିନ୍ନ ପ୍ରତିଷ୍ଠାନରେ ଏହି ସ୍ୱଚ୍ଛତା ଅଭିଯାନ ଚାଲିବ। ଗତ ଅଭିଯାନରେ ଏମ୍‌ସିଏଲ୍ ପକ୍ଷରୁ ୬.୧୨ ଲକ୍ଷ ବର୍ଗଫୁଟ ପରିସର ସଫା କରାଯାଇଥିଲା। ଚଳିତବର୍ଷ ଏହାଠାରୁ ଅଧିକ ପରିସର ସଫା କରିବା ସହ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କାର୍ଯ୍ୟକ୍ଷେତ୍ର ଗଠନ ଉପରେ ଗୁରୁତ୍ୱ ଦିଆଯିବ। ଅକ୍ଟୋବର ୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ସ୍ୱଚ୍ଛତା, କାର୍ଯ୍ୟକ୍ଷେତ୍ର ପରିଚାଳନା, ଉପଲବ୍ଧ ସ୍ଥାନର ସୁବିନିଯୋଗ, ପଡ଼ି ରହିଥିବା କାର୍ଯ୍ୟ ହ୍ରାସ ଏବଂ ବର୍ଜ୍ୟବସ୍ତୁର ସଂଗ୍ରହ, ପୃଥକୀକରଣ ଓ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯିବ। ଚଳିତବର୍ଷ ଇ-ବର୍ଜ୍ୟର ବୈଜ୍ଞାନିକ ପରିଚାଳନାକୁ ଅଭିଯାନର ଏକ ପ୍ରମୁଖ ଲକ୍ଷ୍ୟ କରାଯାଇଛି। ପୁରୁଣା ଓ ଅଦରକାରୀ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଚିହ୍ନଟ କରି ପୃଥକ କରାଯିବା ସହ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସେଗୁଡ଼ିକର ବ୍ୟବସ୍ଥିତ ନିଷ୍କାସନ କରାଯିବ। ଏଥିସହ ଅଦରକାରୀ ଓ ପୁରୁଣା ସାମଗ୍ରୀ ହଟାଇ କାର୍ଯ୍ୟାଳୟର ଉପଲବ୍ଧ ସ୍ଥାନର ସର୍ବୋତ୍ତମ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ରହିବ।

## ଓସିଏ ନିର୍ବାଚନ ମାମଲା: ୨୮ରେ ପରବର୍ତ୍ତୀ ଶୁଣାଣି

### ସବିଶେଷ ତଥ୍ୟ ଦେବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ

**କଟକ, ୨୨/୯(ନିପ୍ର):** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ନିର୍ବାଚନ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ଆସନ୍ତା ୨୮ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ ସୁପ୍ରିମକୋର୍ଟରେ ଦାୟର ମାମଲା ସମ୍ପର୍କିତ ସବିଶେଷ ତଥ୍ୟ ଉପଲବ୍ଧ କରାଇବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ନିର୍ବାଚିତ କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହା ପରେ କମିଟି ଓସିଏ ପରିଚାଳନା ସମ୍ପର୍କିତ ନୀତିଗତ ନିଷ୍ପତ୍ତି ନେଇପାରିବ ନାହିଁ। ଆଗାମୀ ଦିନରେ ଓସିଏ ପକ୍ଷରୁ କୌଣସି ଆର୍ଥିକ କାରବାର ନକରିବା ପାଇଁ ଅନ୍ତରୀଣ ନିର୍ଦ୍ଦେଶ ଦେବା ସହ ଓସିଏ ପରିଚାଳନା ପାଇଁ ଜଣେ ପ୍ରଶାସକ ନିଯୁକ୍ତ କରିବାକୁ ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ଅନ୍ୟପକ୍ଷରେ, ଓସିଏ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ନିର୍ବାଚନ କରାଇବା ନେଇ ବିସିସିଆଇ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଏହାସହ ୨୦୨୬ ଡିସେମ୍ବର ଶେଷ ପର୍ଯ୍ୟନ୍ତ ନିର୍ବାଚିତ କମିଟି କାର୍ଯ୍ୟ କରିବା ନେଇ ଫେବୃୟାରୀ ୨୨ରେ ଅନୁଷ୍ଠିତ ସ୍ପେଶାଲ୍ ଜେନେରାଲ୍ ବଡି ବୈଠକରେ ନିଷ୍ପତ୍ତି ହୋଇଥିବା କୁହାଯାଇଥିଲା। ଏହି ପ୍ରସ୍ତାବରେ ଓସିଏର ୫୮ ଜଣ ସଦସ୍ୟ ଦସ୍ତଖତ କରିଥିବା ମଧ୍ୟ କୋର୍ଟଙ୍କୁ ଅବଗତ କରାଯାଇଥିଲା। ଏଥିସହ ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭର୍ନାନ୍ସ ଆକ୍ଟ, ୨୦୨୫ ଅଧୀନରେ କ୍ରିକେଟ୍ ଆସୋସିଏସନ୍‌ଗୁଡ଼ିକ ଆସୁଛନ୍ତି କି ନାହିଁ, ସେନେଇ ସ୍ପଷ୍ଟତା ନଥିବା ଯୁକ୍ତି ରଖାଯାଇଥିଲା। ଏ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ମାମଲା ଦାୟର ହୋଇଥିବା ନେଇ ଓସିଏର ଯୁଗ୍ମ ସମ୍ପାଦକ କୋର୍ଟଙ୍କୁ ଅବଗତ କରାଇଥିଲେ। ଓସିଏ କର୍ମକର୍ତ୍ତାଙ୍କ ନିର୍ବାଚନ କରାଇବା ଦାବିରେ ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଆସନ୍ତା ୨୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।



## ରାସ୍ତା ମରାମତି ଦାବିରେ ଅଞ୍ଚଳବାସୀଙ୍କ ଅସନ୍ତୋଷ

**ମାର୍ଶାଘାଇ, ୨୨/୯(ନିପ୍ର):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଓଡ଼ଙ୍ଗ ହାଟଠାରୁ ପୋଦନା-ନରସିଂହପୁର ସ୍କୁଲ ପର୍ଯ୍ୟନ୍ତ ଲମ୍ବିଥିବା ଢଳାଇ ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ରହିଛି। ପ୍ରାୟ ୩୦ ବର୍ଷ ଧରି ଏହି ରାସ୍ତାର ମରାମତି ହୋଇନଥିବାରୁ ଏବେ ଏହା ବିପଜ୍ଜନକ ହୋଇପଡ଼ିଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତିନୋଟି ନିର୍ବାଚନମଣ୍ଡଳୀର ଲୋକଙ୍କ ଯାତାୟାତ ପାଇଁ ଏହି ରାସ୍ତା ଏକ ପ୍ରମୁଖ ସଂଯୋଗୀକରଣ ମାଧ୍ୟମ। ହେଲେ ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ବହୁ ସଂଖ୍ୟକ ସ୍କୁଲ-କଲେଜ ଛାତ୍ରଛାତ୍ରୀ, ରୋଗୀ, ବାଇକ୍ ଓ ସାଇକେଲ ଚାଳକଙ୍କ ସମେତ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁଁ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଖାଲଖମାରେ ପଡ଼ି ଯାତ୍ରୀ ଆହତ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ସାଇକେଲ ଟାୟାର ଲିକ୍ ହେବା ଓ ଯାନବାହନ ନଷ୍ଟ ହେବା ନିତିଦିନିଆ ଘଟଣା ପାଲଟିଛି। ବିଶେଷକରି ସ୍କୁଲ ଓ ମେଡିକାଲ ଯାତାୟାତ ସମୟରେ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ତୁରନ୍ତ ପୁନରୁଦ୍ଧାର ଓ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଅନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗର ୩ ଗିରଫ

**ବୁଗୁଡ଼ା, ୨୨/୯(ନିପ୍ର):** ବୁଗୁଡ଼ା ଥାନା ଅଧୀନ ବାଲିପଦର ଫାଣ୍ଡି ପୋଲିସ ଏକ ଅନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ଭଞ୍ଜନଗର ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଏହି ଚୋରି ଗ୍ୟାଙ୍ଗକୁ ଧରାଯାଇଛି। ଗିରଫ ଅଭିଯୁକ୍ତମାନେ ବୁଗୁଡ଼ା ଥାନା ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମର ଚିରଞ୍ଜିବୀ ପାତ୍ର (୨୨), ଅଜିତ କୁମାର ବେହେରା (୩୦) ଓ ସୁରେନ୍ଦ୍ର ପାତ୍ର (୩୫) ବୋଲି ପୋଲିସ ସୂଚନା ଦେଇଛି। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୫୨୨ ଗ୍ରାମ ରୂପା ଅଳଙ୍କାର, ନଗଦ ୫,୫୬୫ ଟଙ୍କା, ଗୋଟିଏ ହେଡ୍‌ଲାଇଟ୍, ୩ଟି ଟର୍ଚ୍ଚ, ୫ଟି ମୋବାଇଲ୍ ଫୋନ୍ ଏବଂ ଘର ଭାଙ୍ଗିବାରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି। ଏନେଇ ବୁଗୁଡ଼ା ଥାନାରେ କେସ୍ ନମ୍ବର ୪୭୫/୨୬ ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୭୦୦ ଫଳଚାରାର ହିସାବ ମିଳୁନି, ଅନିୟମିତତା ଅଭିଯୋଗ

ରେଢ଼ାଖୋଲ, ୨୨/୯(ନିପ୍ର): ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଯୋଜନାର ଲକ୍ଷ୍ୟ କେତେଦୂର ସାକାର ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ଏକ ଅଭିଯୋଗ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍‌ର ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ଗୋଗୁଆ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଫଳ ବଗିଚାକୁ ନେଇ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ୨୦୨୫ ସେପ୍ଟେମ୍ବରରେ ଏଠାରେ ଫଳ ବଗିଚା ସୃଷ୍ଟି ପାଇଁ ପ୍ରାୟ ୭୦୦ଟି ଚାରା ରୋପଣ କରାଯାଇଥିଲା। ଏଥିପାଇଁ ୧ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟ ଦର୍ଶାଇ ଏକ ଫଳକ ଲଗାଯାଇଛି। ତେବେ ବର୍ତ୍ତମାନ ସମ୍ପୃକ୍ତ ସ୍ଥାନରେ ଅଧିକାଂଶ ଚାରା ନଥିବା ବେଳେ ଘାସ ଓ ବୁଦାରେ ସ୍ଥାନଟି ପରିପୂର୍ଣ୍ଣ ହୋଇରହିଛି। ଏଠାରେ ୭୦୦ ଚାରା ରୋପଣ ହୋଇଥିଲେ ମଧ୍ୟ ସେଗୁଡ଼ିକ କୁଆଡ଼େ ଗଲା, ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବୃକ୍ଷରୋପଣ ପରେ ଚାରାଗୁଡ଼ିକର ରକ୍ଷଣାବେକ୍ଷଣ, ପାଣି ଯୋଗାଣ ଓ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଥିଲା, ସେନେଇ ମଧ୍ୟ ସ୍ଥାନୀୟ ଲୋକେ ଜବାବ ଦାବି କରିଛନ୍ତି। ଏହାସହ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗୋଗୁଆ ସରପଞ୍ଚଙ୍କ କହିବା ଅନୁଯାୟୀ, ଏଠାରେ ଚାରା ରୋପଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଗଛଗୁଡ଼ିକ ବଞ୍ଚିପାରିନଥିଲା। ଚାରା ରୋପଣ ପାଇଁ ଶ୍ରମିକଙ୍କ ମଜୁରି ବାବଦକୁ ୬୦ ହଜାର ଟଙ୍କା ଓ ଫଳକ ବାବଦକୁ ୫ ହଜାର ଟଙ୍କା, ଅର୍ଥାତ୍ ମୋଟ ୬୫ ହଜାର ଟଙ୍କାର ବିଲ୍ ହୋଇଥିବା ସେ କହିଛନ୍ତି। ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ଉଲ୍ଲେଖ ଥିବା ବେଳେ କାର୍ଯ୍ୟ ଶେଷ ତାରିଖ ଉଲ୍ଲେଖ ନଥିବା ମଧ୍ୟ ଦେଖିବାକୁ ମିଳିଛି। ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥ, ଚାରା ରୋପଣ ଓ ଏହାର ରକ୍ଷଣାବେକ୍ଷଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ୬୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୭ ଗିରଫ



ସୋନପୁର, ୨୨/୯: ସୁବର୍ଣ୍ଣପୁର ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇ ୩ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬୭ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯିବା ସହ ଚୋରାଚାଲାଣରେ ବ୍ୟବହୃତ ୩ଟି ଗାଡ଼ି ଜବତ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରବୀର ସାମଲଙ୍କ ନେତୃତ୍ୱରେ ଡିଷ୍ଟ୍ରିକ୍ଟ ମୋବାଇଲ ୟୁନିଟ୍ ଓ ସଦର ରେଞ୍ଜର ମିଳିତ ଟିମ୍ ଜିଲ୍ଲାର ୩ଟି ସ୍ଥାନରେ ଚଢ଼ାଉ କରିଥିଲା। ସୋନପୁର ସହରର ବୁଢ଼ାରାଜା ଛକରୁ ଏକ ସ୍କର୍ପିଓ ସହ ୨ ଜଣଙ୍କୁ ଧରାଯାଇ ୮୮ କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ବୀରମହାରାଜପୁର ଫୁଲଛରା ଛକ ନିକଟରୁ ଏକ ଗାଡ଼ି ସହ ୨ ଜଣଙ୍କୁ ଧରାଯାଇ ୧୬୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଉଦେପଦର ଛକରୁ ଅନ୍ୟ ଏକ ଗାଡ଼ି ସହ ୩ ଜଣଙ୍କୁ ଧରାଯାଇ ୬୦ କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫଙ୍କ ମଧ୍ୟରୁ ଜଣେ ବୀରମହାରାଜପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୬ ଜଣ ଝାଡ଼ଖଣ୍ଡ ଓ ସୁନ୍ଦରଗଡ଼ ଅଞ୍ଚଳର ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ର ଚେର ଖୋଜିବାକୁ ତଦନ୍ତ ଜାରି ରହିଛି।

### ଚର୍ଚ୍ଚାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳ

# ଗିରଫ ପରେ ମେଡିକାଲରେ ଭର୍ତ୍ତି

**କଟକ, ୨୨/୯(ନିପ୍ର):** ଦସ୍ତାବିଜ ଜାଲିଆତି ଓ କଏଦୀ ଫେରାର ମାମଲାରେ ଗିରଫ ହୋଇଥିବା ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ତଳ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ମଙ୍ଗଳବାର ସେ କଟକ ଜିଲ୍ଲା ଦୌରାଜଜ୍ କୋର୍ଟରେ ପୁନର୍ବାର ଜାମିନ ଆବେଦନ କରିଛନ୍ତି। ଗିରଫ ପରେ ଅସୁସ୍ଥତା ଦର୍ଶାଇ ରାଉଳଙ୍କୁ ପ୍ରଥମେ ଜେଲ୍ ହସ୍ପିଟାଲରେ ରଖାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଗତକାଲି ରାତିରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗିରଫର କିଛି ଦିନ ମଧ୍ୟରେ ମେଡିକାଲରେ ଭର୍ତ୍ତି ହେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ସରକାରୀ




କର୍ମଚାରୀ ଜେଲ୍ ଯିବା ପରେ ନିଲମ୍ବନ ସମ୍ପର୍କିତ ନିୟମକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ରାଉଳ ଗିରଫ ହେବାର ତିନି ଦିନ ବିତିଥିଲେ ମଧ୍ୟ ତାଙ୍କ ନିଲମ୍ବନ ଆଦେଶ ଜାରି ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗର ଭୂମିକାକୁ ନେଇ କେତେକ ମହଲରେ ପ୍ରଶ୍ନ ଉଠାଯାଇଛି। ସେପଟେ ମାମଲାର ତଦନ୍ତରେ ମିନିଟ୍ ବୁକ୍‌କୁ ନେଇ ମଧ୍ୟ ପୁଲିସ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି। ମିନିଟ୍ ବୁକ୍ କେଉଁଠି ରହିଛି ଏବଂ ତାହାକୁ କିଏ ରଖିଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ଦସ୍ତାବିଜ ମାମଲାର ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ବୋଲି କୁହାଯାଉଛି। ପୂର୍ବତନ ଜେଲର ସନ୍ତୋଷିନୀ ଦାଶଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଚାପ ଓ ପ୍ରଲୋଭନ ଦିଆଯାଇଥିବା ଅଭିଯୋଗ ଉପରେ ତଦନ୍ତ ଚାଲିଥିବା ଚୌଦ୍ୱାର ପୁଲିସ କହିଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ସନ୍ତୋଷିନୀଙ୍କ ଆଇନଜୀବୀ ଦାବି କରିଛନ୍ତି। ଦସ୍ତାବିଜ ଜାଲିଆତି ଓ କଏଦୀ ଫେରାର ଘଟଣା ପଛରେ କେଉଁମାନଙ୍କ ଭୂମିକା ରହିଛି, ତାହାର ସତ୍ୟାସତ୍ୟ ତଦନ୍ତରୁ ସ୍ପଷ୍ଟ ହେବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ